# ଥଇଥାନ ଓ ପୁନର୍ବାସ କାର୍ଯ୍ୟଯୋଜନା

# ଲାଞ୍ଜିବେର୍ଣ୍ଣା ଚୂନପଥର ଓ ଡୋଲୋମାଇଟ  ଖଣି, ସୁନ୍ଦରଗଡ଼, ଓଡ଼ିଶା




ପ୍ରସ୍ତୁତି

ଶ୍ରୀ ଅଭିମନ୍ୟୁ ବେହେରା, ଓପ୍ରସେ (ଏସ),

ଉପ-ଜିଲ୍ଲାପାଳ(ସଦର) ତଥା ପ୍ରଶାସକ ଆରଏଣ୍ଡଆର, ସୁନ୍ଦରଗଡ଼

# ସୂଚୀପତ୍ର


| | |
|---|---|
| ଅଧ୍ୟାୟ 1 | ଉପକ୍ରମ |
| ଅଧ୍ୟାୟ-2 | କମ୍ପାନି ସଂପର୍କରେ |
| ଅଧ୍ୟାୟ-3 | ପ୍ରକଳ୍ପ ଅବଲୋକନ |
| ଅଧ୍ୟାୟ-4 | ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାର |
| ଅଧ୍ୟାୟ-5 | ନୀତି କାର୍ଯ୍ୟଖସଡ଼ା |
| ଅଧ୍ୟାୟ-6 | ଉଦ୍ଦେଶ୍ୟ ଓ ଅଗ୍ରଗତି |
| ଅଧ୍ୟାୟ-7 | ଆଦିବାସୀ ଉନ୍ନୟନ ଯୋଜନା |
| ଅଧ୍ୟାୟ-8 | ଥଇଥାନ ଓ ପୁନର୍ବାସ ପ୍ୟାକେଜ୍ |
| ଅଧ୍ୟାୟ-9 | ଉପସଂହାର |

# ଅଧ୍ୟାୟ-1

# ଉପକ୍ରମ


ଯେକୌଣସି ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ହେଉଛି ପ୍ରାଥମିକ ଆବଶ୍ୟକତା । ଘରୋଇ ଜମି ଅଧିଗ୍ରହଣ ଅନେକ ସମୟରେ ଅନିଚ୍ଛାକୃତ ବିସ୍ଥାପନର କାରଣ ହୋଇଥାଏ । ସାରା ଦୂନିଆର ଏପରି ଘଟୁଛି, ପ୍ରତିବର୍ଷ ହଜାର ହଜାର ପରିବାର ବିକାଶମୂଳକ ପ୍ରକଳ୍ପ ପାଇଁ ଜମି, ଘର ଓ ଚୁଲି ହରାଉଛନ୍ତି । ଯେକୌଣସି ପ୍ରକାରର ବିସ୍ଥାପନ ଯନ୍ତ୍ରଣାଦାୟକ ହୋଇଥାଏ, କାରଣ ଏହା ଜଣକୁ ନିଜ ସମାଜ, ପୈତୃକ ଘର ଓ କର୍ମସଂସ୍ଥାନଠାରୁ ଦୂରେଇ ନେଇଥାଏ । ଏହା ସହିତ ଅନେକ ବିପଦ ଜଡ଼ିତ, ଯେପରିକି ଭୂମି, ବାସସ୍ଥାନ, ଜୀବିକା, ସାଧାରଣ ସମ୍ବଳ ହରାଇବା ତଥା ସମାଜଠାରୁ ଦୂରେଇ ଯିବାର ଭୟ ଆଦି ଥାଏ ।  ଏହା ଦେଖାଯାଇଛି ଯେ ଅନେକ ବୃହତ ବିକାଶମୂଳକ ପ୍ରକଳ୍ପରେ ବିସ୍ଥାପିତ ବ୍ୟକ୍ତିମାନେ ସେମାନଙ୍କର ପୂର୍ବ ଜୀବନଶୈଳୀକୁ ପୁନଃସ୍ଥାପିତ କରିବାରେ ସକ୍ଷମ ହୋଇପାରନ୍ତି ନାହିଁ ବରଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳେ ରହିଯାଆନ୍ତି ଏବଂ ଅନୁନ୍ନତ ହୋଇପଡିଛନ୍ତି । ଏହାର ଏକ ସାଧାରଣ କାରଣ ହେଉଛି, ଏକ ଦୁର୍ବଳ ଥଇଥାନ ଓ ପୁନର୍ବାସ ପଦକ୍ଷେପ, ସେହିପରି ଏକ ବିଶେଷ କାରଣ ହେଉଛି ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ଜୀବିକା ପୁନର୍ସ୍ଥାପନ ଓ ଅର୍ଥନୈତିକ ଥଇଥାନର ଅଭାବ । ଜମି ଅଧିଗ୍ରହଣ ଏବଂ ଥଇଥାନ ଓ ପୁନର୍ବାସ ସଂପର୍କିତ ସମସ୍ୟାର ସମାଧାନ ପାଇଁ 2013 ମସିହାରେ ଭାରତ ସରକାର ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ଆଇନ, 2013 ପ୍ରଣୟନ କରିଥିଲେ । ଏହା ପୂର୍ବରୁ ରାଜ୍ୟ ସରକାରମାନେ ଉପଯୁକ୍ତ ପୁନର୍ବାସ ଓ ଥଇଥାନ ପାଇଁ ନୀତି ଓ ନିୟମାବଳୀ ପ୍ରଣୟନ କରିଥିଲେ । ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ଉପଯୁକ୍ତ ଓ ସମୟୋଚିତ ପୁନର୍ବାସ ଓ ଥଇଥାନ ପାଇଁ ଦେଶର ଏକ ପ୍ରଥମ ରାଜ୍ୟଭାବେ ଓଡ଼ିଶା 2006 ମସିହାରେ ଏକ ସାମଗ୍ରିକ ପୁନର୍ବାସ ଓ ଥଇଥାନ ନୀତି ଲାଗୁ କରିଥିଲା ।

ଏହି ପୁନର୍ବାସ ଓ ଥଇଥାନ ସ୍କିମ୍ ପ୍ରତି ପ୍ରଭାବିତ ଗ୍ରାମ ପାଇଁ ଲାଗୁହେବ,  ଯାହାକି **RFCTLARR** ଆଇନ, 2013 ଓ ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି, 2006 ଏବଂ ଖଣି ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା **NTPC** ଓ **OCPL** ପରି ସଂସ୍ଥାମାନଙ୍କ ଦ୍ବାରା ଦିଆଯାଉଥିବା ଉତ୍ତମ ସୁବିଧା ସୁଯୋଗକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଛି । ଏହା ବିସ୍ଥାପିତ ପରିବାରଗୁଡ଼ିକ ବୃହତ୍ତର ସ୍ବାର୍ଥ ଓ ସେମାନଙ୍କ ତଥା ସେମାନଙ୍କ ଭବିଷ୍ୟତପୀଢି ନିମନ୍ତେ ଉତ୍ତମ ଜୀବନଧାରଣ ମାନ ନିଶ୍ଚିତ କରିବାକୁ ଉଦ୍ଦିଷ୍ଟ ।


-ଉପ-ଜିଲ୍ଲାପାଳ(ସଦର) ତଥା ପ୍ରଶାସକ ଆରଏଣ୍ଡଆର, ସୁନ୍ଦରଗଡ଼

# ଅଧ୍ୟାୟ-2
# କମ୍ପାନି ସଂପର୍କରେ

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ, ପୂର୍ବର ଓସିଏଲ ଇଣ୍ଡିଆ ଲିଃ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଠାରେ ଅବସ୍ଥିତ । ଏହି ପ୍ଲାଣ୍ଟର କ୍ଲିଙ୍କର ଉତ୍ପାଦନ କ୍ଷମତା ବାର୍ଷିକ 5.9 ନିୟୁତ ଟନ ଥିବାବେଳେ ସିମେଣ୍ଟ ଉତ୍ପାଦନ କ୍ଷମତା ବାର୍ଷିକ 4 ନିୟୁତ ଟନ ରହିଛି । ପୂର୍ବରୁ ଓଡ଼ିଶା ସିମେଣ୍ଟ ଲିଃ ଭାବେ ପରିଚିତ ଥିବା ଡାଲମିଆ ସିମେଣ୍ଟ ଭାରତ ଲିଃ 1951ରେ ପ୍ରତିଷ୍ଠା ହୋଇଥିଲା । ମର୍ଯ୍ୟାଦାଜନକ ହୀରାକୁଦ ନଦୀବନ୍ଧର ନିର୍ମାଣ ପାଇଁ ଆବଶ୍ୟକ ସୁପର ଗ୍ରେଡ ସିମେଣ୍ଟ ଉତ୍ପାଦନ ପାଇଁ ଏହି ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହାର ସିମେଣ୍ଟ ଓ କ୍ଲିଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇଛି । ନିକଟରେ ସିମେଣ୍ଟ ଉତ୍ପାଦନ କ୍ଷମତା ବାର୍ଷିକ 6.25 ନିୟୁତ ଟନ ଓ କ୍ଲିଙ୍କର ଉତ୍ପାଦନ କ୍ଷମତା 5.9 ନିୟୁତ ଟନକୁ ବୃଦ୍ଧି କରିବାକୁ ରାଜଗାଙ୍ଗପୁରଠାରେ ଏକ ନୂଆ ୟୁନିଟ ସ୍ଥାପନ କରାଯାଇଛି ।



ଡାଲମିଆ ଭାରତ ଗ୍ରୁପ 1939 ମସିହାରେ ସ୍ଥାପନ କରାଯାଇଥିଲା ଓ ଏହା ଗତ 8 ଦଶନ୍ଧି ଧରି କାର୍ଯ୍ୟକରୁଛି । ହୀରାକୁଦ ବନ୍ଧ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ପାରାଦୀପ ବନ୍ଦର ପରି କେତେକ ବିଖ୍ୟାତ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଏହି ପ୍ଲାଣ୍ଟ ନିଜର ଯୋଗଦାନ ଦେଇଛି । ଏହାଛଡ଼ା ରିଫ୍ରାକ୍ଟରୀ ବ୍ୟବସାୟରେ କମ୍ପାନିର ଅନ୍ତର୍ଜାତୀୟ ସ୍ତରରେ ଉପସ୍ଥିତି ରହିଛି ।




ଗତ 16 ବର୍ଷରେ ଡାଲମିଆ ଗ୍ରୁପର ବିକ୍ରି ବାର୍ଷିକ ୨୪ ପ୍ରତିଶତ ହାରରେ ବୃଦ୍ଧି ପାଇ 2020 ସୁଦ୍ଧା 12,100 କୋଟି ଟଙ୍କାରେ ପହଞ୍ଚିଛି ଓ ମାର୍କେଟ କ୍ୟାପ୍ 10 ହଜାର କୋଟିକୁ ବୃଦ୍ଧି ପାଇଛି । ଏହି ଗ୍ରୁପର କମ୍ପାନିମାନେ ମୋଟ 8500 କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେଇଥିବାବେଳେ ଆହୁରି ଅନେକ ଲୋକଙ୍କୁ ପରୋକ୍ଷ ନିଯୁକ୍ତି ଦେଇଛନ୍ତି ।

# ଅଧ୍ୟାୟ-3
# ପ୍ରକଳ୍ପ ସଂପର୍କରେ

ବର୍ତ୍ତମାନ ଥିବା ସିମେଣ୍ଟ ପ୍ଲାଣ୍ଟର ଚୂନପଥର ଆବଶ୍ୟକତା ଏହାର କାପ୍ଟିଭ ଖଣି ଲାଞ୍ଜିବେର୍ଣ୍ଣା ଚୂନପଥର ଓ ଡୋଲୋମାଇଟ ଖଣିରୁ ପୂରଣ କରାଯାଉଛି, ଯାହାର ଚୂନପଥର ଉତ୍ପାଦନ କ୍ଷମତା ବାର୍ଷିକ 9.5 ନିୟୁତ ଟନ ଥିବାବେଳେ ଡୋଲୋମାଇଟ ଉତ୍ପାଦନ କ୍ଷମତା ବାର୍ଷିକ 0.08 ନିୟୁତ ଟନ ରହିଛି । ଏହି ଖଣି ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ଓ ରାଜଗାଙ୍ଗପୁର ତହସିଲ ପ୍ଲାଣ୍ଟ ସାଇଟ ଠାରୁ 10 କିଲୋମିଟର ଦୂରରେ ରହିଛି । ଏହି ଖଣି 873.057 ହେକ୍ଟର ପରିମିତ ଅଂଚଳରେ ଅବସ୍ଥିତ ଓ ଏଥିରେ ଲାଞ୍ଜିବେର୍ଣ୍ଣା, ବିହାବନ୍ଧ,କୁକୁଡା, କେସରମାଲ, ରାଇବେର୍ଣ୍ଣା, ଅଲଣ୍ଡା, ଝାଗରପୁର ଓ ଧାଉରଡା ଗ୍ରାମ ଆସୁଛି । ଏବେ ଏହି ଖଣି 333.43 ହେକ୍ଟର ପରିମିତ ଅଂଚଳରେ କାର୍ଯ୍ୟକ୍ଷମ ରହିଛି । 1951ରେ ଏହି ଖଣି ଲିଜ୍ 1002 ହେକ୍ଟର ଅଂଚଳ ପାଇଁ ମେସର୍ସ ବିସ୍ରା ଷ୍ଟୋନ ଏଣ୍ଡ ଲାଇମଷ୍ଟୋନ କମ୍ପାନି ଲିମିଟେଡ (**BSLC**)କୁ ପ୍ରଦାନ କରାଯାଇଥିଲା । ପରେ 2 ମେ 1951ରେ ଓଡ଼ିଶା ସରକାର ମେସର୍ସ ଓଡ଼ିଶା ସିମେଣ୍ଟ ଲିମିଟେଡକୁ ସେମାନଙ୍କ ସିମେଣ୍ଟ ପ୍ଲାଣ୍ଟର ଚୂନପଥର ଆବଶ୍ୟକତା ମେଣ୍ଟାଇବାକୁ ଏହି ଖଣିର ସବଲିଜ 1002 ହେକ୍ଟର ଅଂଚଳ ପାଇଁ ପ୍ରଦାନ କରିଥିଲେ । 28.02.1970ରେ ଏହି ସବ-ଲିଜକୁ 20 ବର୍ଷ ପାଇଁ ଅର୍ଥାତ 28.02.1990 ପର୍ଯ୍ୟନ୍ତ ନବୀକରଣ କରାଯାଇଥିଲା । ଏହା ପରେ ତତକାଳୀନ ଓସିଏଲ, ଯାହାକି ଏବେ ଡାଲମିଆ ସିମେଣ୍ଟ ଭାବେ ପରିଚିତ, ତାହାକୁ ମୋଟ 893.55 ହେକ୍ଟର ଅଂଚଳ ପାଇଁ ଖଣି ଲିଜ ପ୍ରଦାନ କରାଯାଇଥିଲା । ଏହା ମଧ୍ୟରୁ ଖଣି ଲିଜ୍ ଅଂଚଳ 873.057 ହେକ୍ଟର ରହିଛି। ଏବେ 333.43 ହେକ୍ଟର ପାଇଁ ସର୍ଫେସ ରାଇଟ ପ୍ରଦାନ କରାଯାଇଛି।

ଖଣି ଓ ଖଣିଜ (ବିକାଶ ଓ ନିୟମନ) ଆଇନ 2015 (ସଂଶୋଧିତ)ର ଧାରା 8କ ଅନୁସାରେ ଲିଜର ବୈଧତା ସମୟ 29.02.2040 କୁ ବୃଦ୍ଧି କରାଯାଇଥିଲା । 15.07.2016ରେ 893.55 ହେକ୍ଟର ପାଇଁ ଏହି ଲିଜ ସଂପ୍ରସାରଣ କରାଯାଇଥିଲା । ପରେ ଖଣି ଲିଜ ଅଂଚଳକୁ 873.057 ହେକ୍ଟରକୁ ସୀମିତ କରାଯାଇଥିଲା ।

ସଂପ୍ରସାରିତ ପ୍ଲାଣ୍ଟର କଞ୍ଚାମାଲ ଆବଶ୍ୟକତା ମେଣ୍ଟାଇବା ପାଇଁ, ଲିଜଧାରୀ କମ୍ପାନି ତିନୋଟି ପର୍ଯ୍ୟାୟରେ 1042. 905 ଏକର ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି । ପ୍ରଥମ ପର୍ଯ୍ୟାୟରେ ଲିଜ ଅଂଚଳ ଅଧିନରେ ଆସୁଥିବା 269.425 ଏକର ଜମି ଅଧିଗ୍ରହଣ ପାଇଁ ଫର୍ମ-ଏରେ ଜମି ଅଧିଗ୍ରହଣ ଆବେଦନ କରାଯାଇଛି । ଏହି ଅଂଚଳ ମଧ୍ୟରେ କୁତ୍ରା ତହସିଲର କଟାଙ୍ଗ ପଂଚାୟତ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମ

(29.26 ଏକର) ଓ ରାଜଗାଙ୍ଗପୁର ତହସିଲର କୁକୁଡା ଗ୍ରାମ ପଂଚାୟତ ଅଧିନସ୍ଥ କୁକୁଡା (232.945 ଏକର) ଓ ବିହାବନ୍ଧ (9.22 ଏକର) ଅସୁଅଛି । ଏହି ଜମି ଅଧିଗ୍ରହଣ ଆବେଦନ ଓଡ଼ିଶା ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ବେଳେ ଉଚିତ କ୍ଷତିପୂରଣ ପାଇବାର ଅଧିକାର ଆଇନ 2016ରେ ନିୟମ-3 ଅନୁସାରେ ହୋଇଛି । ଏସଂପର୍କିତ ଏସଆଇଏ ପ୍ରକ୍ରିୟା ଶେଷ ହୋଇଛି ଓ ଧାରା 11(1) ଅନୁସାରେ 06.07.2021 ବିଜ୍ଞପ୍ତି ପ୍ରକାଶ ପାଇଛି ଓ ଧାରା 19(1) ଅନୁସାରେ ଘୋଷଣାନାମା 3.11.2021 ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟ ଜମି ଅଧିଗ୍ରହଣରେ କୌଣସି ବିସ୍ଥାପନ ହେବ ନାହିଁ ।

ସେହିପରି 2ୟ ପର୍ଯ୍ୟାୟରେ 717.10 ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି । ଏହି ଅଂଚଳ ମଧ୍ୟରେ ବିହାବନ୍ଧ (29.79 ଏକର), କୁକୁଡା (162.96 ଏକର), ଅଲନ୍ଦା (164.82 ଏକର). ରାଇବେର୍ଣ୍ଣା (57.80 ଏକର), କେଶରମାଲ (293.25 ଏକର) ଓ ଝାଗରପୁର (8.48 ଏକର) ଆଦି ଗ୍ରାମ ଅନ୍ତର୍ଭୁକ୍ତ । ଏହାର ସାମାଜିକ ପ୍ରଭାବ ଆକଳନ (ଏସଆଇଏ) ସଂପୂର୍ଣ୍ଣ ହୋଇଯାଇଛି ଓ ଧାରା 11(1) ଅନୁସାରେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି । ଏହି ପର୍ଯ୍ୟାୟରେ କୁକୁଡ଼ା ଗ୍ରାମର ଏକ ସାହି ଜୋଲୋଡିହି, କେଶରମାଲର ଏକ ସାହି କୁଞ୍ଚୁଟୋଲି ଏବଂ ଅଲଣ୍ଡା ଗ୍ରାମର କେତେକ ଘର ବିସ୍ଥାପିତ ହେବ । ମୋଟ ବିସ୍ଥାପନ ହେବାକୁ ଥିବା ପରିବାର ସଂଖ୍ୟା 495 । ତେବେ ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରର ପ୍ରକୃତ ସଂଖ୍ୟା ଓ ସେମାନଙ୍କ ଆରଏଣ୍ଡଆର ଦାବି ଓ ଅଗ୍ରାଧିକାର ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ପାଇଁ ଏକ ସବିଶେଷ ଗଣନା ଆବଶ୍ୟକ ।

| ଜମି ବିବରଣୀ | | | | |
|---|---|---|---|---|
| 2ୟ ପର୍ଯ୍ୟାୟ- ଏକର 717.10 | | | | |
| କ୍ରମିକ ନଂ | ଗ୍ରାମ | ଗ୍ରାମ ପଂଚାୟତ | ଅଂଚଳ (ଏକରରେ) | ବିସ୍ଥାପିତ ପରିବାର ସଂଖ୍ୟା |
| | ବିହାବନ୍ଧ | କୁକୁଡା | 29.79 | 0 |
| | କୁକୁଡା | କୁକୁଡା | 162.96 | 277 |
| | ଅଲନ୍ଦା | ଅଲନ୍ଦା | 164.82 | 45 |

| | | | | |
|---|---|---|---|---|
| | ରାଇବେର୍ଣ୍ଡା | କେଶରମାଲ | 57.8 | 0 |
| | କେଶରମାଲ | କେଶରମାଲ | 293.25 | 173 |
| | ଝାଗରପୁର | ଝାଗରପୁର | 8.48 | 0 |
| | ମୋଟ | | 717.10 | 495 |

# ଅଧ୍ୟାୟ-4
# ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାର

ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାହିତ ହେବାକୁ ଥିବା ଗ୍ରାମଗୁଡ଼ିରେ ସାମାଜିକ ପ୍ରଭାବ ଆକଳନ (SIA) 2021ରେ ସେଣ୍ଟର ଫର ୟୁଥ ଏଣ୍ଡ ସୋସିଆଲ ଡେଭଲପମେଣ୍ଟ (**CYSD**) ପକ୍ଷରୁ କରାଯାଇଥିଲା । ଏସଆଇଏ ରିପୋର୍ଟର ନିଷ୍କର୍ଷ ସଂପୃକ୍ତ ଗ୍ରାମ ପଂଚାୟତରେ ଜନଶୁଣାଣି ବେଳେ ପ୍ରକାଶ କରାଯାଇଛି । ଚୂଡ଼ାନ୍ତ ରିପୋର୍ଟକୁ ବିଶେଷଜ୍ଞ କମିଟିର ସମୀକ୍ଷା ପାଇଁ ରଖାଯାଇଥିଲା । ବିଶେଷଜ୍ଞ କମିଟିର ସୁପାରିଶ ସରକାରୀ ମଂଜୁରୀ ପାଇଁ ଦାଖଲ କରାଯାଇଛି । ଏସଆଇଏ ନିଷ୍କର୍ଷ ଓ ପ୍ରକଳ୍ପ ପ୍ରଭାବିତ ପରିବାରର ୟାଦସ୍ତ ଅନୁସାରେ ଜଣାଯାଇଛି ଯେ ପ୍ରଥମ ପର୍ଯ୍ୟାୟରେ ହେଉଥିବା 269.425 ଏକର ଜମି ଅଧିଗ୍ରହଣ ପାଇଁ କୌଣସି ବିସ୍ଥାପନ ହେବ ନାହିଁ । ଆହୁରି ମଧ ପ୍ରସ୍ତାବିତ ଅଧିଗ୍ରହଣ ଅଂଚଳରେ କୌଣସି ଘର ଆସୁନାହିଁ । ତେବେ 2ୟ ପର୍ଯ୍ୟାୟରେ କୃଷି ଓ ବାସଯୋଗ୍ୟ ଜମି ଆସୁଅଛି । 2ୟ ପର୍ଯ୍ୟାୟର ପ୍ରକଳ୍ପ ବିସ୍ଥାପିତ (PDFs) ଓ ପ୍ରକଳ୍ପ ପ୍ରଭାବିତ ପରିବାରର (PAFs)ବିବରଣୀ ନିମ୍ନରେ ଦିଆଗଲା ।

| କ୍ର.ନଂ | ଗ୍ରାମ | ମୋଟ ପରିବାର ସଂଖ୍ୟା | |
|---|---|---|---|
| | | ମୂଳ ପରିବାର | ସଂପ୍ରସାରିତ ପରିବାର |
| 1 | କୁକୁଡା (ଜୋଲୋଡିହି) | 106 | 277 |
| 2 | ବିହାବନ୍ଧ | | |
| 3 | ଅଳନ୍ଦା | 10 | 45 |
| 4 | କେସରମାଲ (ଟୁଞ୍ଜୁଟୋଲି) | 66 | 173 |
| 5 | ଝାଗରପୁର | | |
| 6 | ରାଇବେର୍ଣ୍ଣା | | |
| | ମୋଟ | 182 | 495 |

ଏସଆଇଏ ରିପୋର୍ଟରେ ଉଲ୍ଲେଖ ଥିବା ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ସଂଖ୍ୟା ଅନୁମାନିକ ଭାବେ ଦିଆଯାଇଛି ଓ ଏହାର ପ୍ରକୃତ ସଂଖ୍ୟା ବିସ୍ଥାପନ ଓ ସ୍ଥାନାନ୍ତରଣ ବେଳେ ଓ ଜନସଂଖ୍ୟା ସଂପର୍କିତ

ପରିବର୍ତ୍ତନ ଅନୁସାରେ ବଦଳିପାରେ । କଟ ଅଫ ଡେଟ ଅନୁଯାଇ ଆନୁମାନିକ **650** ରୁ **700** ଏକକ ପରିବାର ବିସ୍ଥାପିତ ହେବାର ଅନୁମାନ କରାଯାଉଅଛି । ଏଥି ନିମନ୍ତେ କଲୋନୀ ଜାଗା ଓ ଘର ତିଆରି ପାଇଁ **80** ଏକର ଏବଂ ସର୍ବସାଧାରଣ ସୁବିଧା ପାଇଁ **40** ଏକର ଜମିର ଆୟୋଜନ କରାଯିବ ।

# ଅଧ୍ୟାୟ-5

# ନୀତି ରୂପରେଖା

ପ୍ରସ୍ତାବିତ ଜମି ଅଧିଗ୍ରହଣ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ଆଇନ, 2013 (**RTFCTLARR**) ଓ ଓଡ଼ିଶା ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର ନିୟମାବଳୀ,2016 ଅନୁସାରେ ହୋଇଛି । ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏକ ସନ୍ତୁଳିତ ଆଭିମୁଖ୍ୟ/ନୀତି ପାଇଁ **RFCTLARR** ଆଇନ, 2013ର ପରିକଳ୍ପନା କରାଯାଇଥିଲା ।

ଏହି ଆଇନ ଲାଗୁହେବେ, ଯେବେ ସରକାର ନିଜସ୍ବ ବ୍ୟବହାର, ଧାରଣ ଓ ନିୟନ୍ତ୍ରଣ ପାଇଁ ଯେପରିକି ଶିଳ୍ପ ପ୍ରକଳ୍ପ, ଜଳସେଚନ, ଖଣି, ଜାତୀୟ ପାର୍କ ଓ ଅଭୟାରଣ୍ୟ, ସହରାଞ୍ଚଳ ପ୍ରକଳ୍ପ, ସଡ଼, ରେଳପଥ, ବିଦ୍ୟୁତ ଲାଇନ ଆଦି ଲିନିୟର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରନ୍ତି । ଏହି ଆଇନ ଏକ ସମାନ ଓ ମାନକଭିତ୍ତିକ ଢାଞ୍ଚା ପ୍ରଦାନ କରେ ଓ ସବୁପ୍ରକାରର ବିସ୍ଥାପନକୁ ଏକ ସାଧାରଣ ଢାଞ୍ଚା ଅଧିନକୁ ଆଣେ ଓ କାର୍ଯ୍ୟାନ୍ବୟନ ଓ ତଦାରଖ ପାଇଁ ସରକାରୀ ବ୍ୟବସ୍ଥା ଧାର୍ଯ୍ୟକରେ ।

ଏକ ଅଂଶଗ୍ରହଣକାରୀ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ନିରନ୍ତର ବିକାଶକୁ ସୁନିଶ୍ଚିତ କରିବା ପାଇଁ, ସରକାର ଏହି ଅଧିନିୟମ ମାଧ୍ୟମରେ ଏକ ବିସ୍ତୃତ ଥଇଥାନ ଏବଂ ପୁନର୍ବାସ ନୀତି ପ୍ରସ୍ତୁତ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି..

1. କୃଷକ, ଜମି ହରାଉଥିବା ଲୋକ ଓ ଜମି ଅଧିଗ୍ରହଣ ଦ୍ବାରା ଯେଉଁମାନଙ୍କ ଜୀବିକା ପ୍ରଭାବିତ ହେଉଛି ସେମାନଙ୍କ ଆଶଙ୍କାକୁ ଦୂର କରିବା ପାଇଁ ଜମି ଅଧିଗ୍ରହଣ ଏବଂ ଥଇଥାନ ଏବଂ ପୁନର୍ବାସ ବ୍ୟବସ୍ଥାର ଏକୀକରଣ ।
2. କାର୍ଯ୍ୟାନ୍ବୟନ, ତଦାରଖ, ବିବାଦ ସମାଧାନ ଓ ଅଭିଯୋଗ ସମାଧାନ ନିମନ୍ତେ ଏକ ସଂସ୍ଥାଗତ ବ୍ୟବସ୍ଥା ସ୍ଥାପନ ଦିଗରେ ସହାୟତା କରିବା ।
3. ଏସସି / ଏସଟି ଏବଂ ପ୍ରଭାବିତ ପରିବାରଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଏକ ସାମଗ୍ରିକ କ୍ଷତିପୂରଣ ପ୍ୟାକେଜ୍ ନିଶ୍ଚିତ କରିବା ।
4. ସ୍ବେଚ୍ଛାଚାର ଜମି ଅଧିଗ୍ରହଣ ଦାଉରୁ ସୁରକ୍ଷା ପାଇଁ ପଂଚାୟତିରାଜ ସଂସ୍ଥାମାନଙ୍କ ବର୍ଦ୍ଧିତ ଭୂମିକା ନିଶ୍ଚିତ କରିବା ।

ଏହା ବ୍ୟତୀତ, ଜମି ଅଧିଗ୍ରହଣ ଏବଂ ଅନିଚ୍ଛାକୃତ ବିସ୍ଥାପନରୁ ଉତ୍ପନ୍ନ ସମସ୍ୟାର ପରିଚାଳନା ପାଇଁ ଏକ ନୀତିଗତ ଢାଞ୍ଚା ପ୍ରସ୍ତୁତ କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ ଅଟେ । ଅଧିକନ୍ତୁ, ଓଡିଶା ଆରଏଣ୍ଡଆର ନୀତି, 2006 ରେ ଥିବା ବ୍ୟବସ୍ଥାଗୁଡ଼ିକ ଅନ୍ତର୍ଭୂକ୍ତିଭିତ୍ତିକ, ବ୍ୟାପକ ଏବଂ ସାମଗ୍ରିକ ଅଟେ ଏବଂ ସମସ୍ତ ପ୍ରକାରର ବିକାଶମୂଳକ ପ୍ରକଳ୍ପ ଯଥା ଶିଳ୍ପ, ଜଳସେଚନ, ଖଣି, ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟ, ସହରାଞ୍ଚଳ ପ୍ରକଳ୍ପ ଏବଂ ସଡ଼କ ଏବଂ ରେଳପଥ, ବିଦ୍ୟୁତ୍ ଲାଇନ ଆଦି ପାଇଁ ପ୍ରଯୁଜ୍ୟ ।

ଏହା ଅନନ୍ୟ ଏବଂ ଦେଶରେ ଏହାର ପ୍ରଥମ ପ୍ରକାର । ଏହା ହେଉଛି ପ୍ରଥମ ନୀତି ଯାହା ସମାନ ଏବଂ ମାନକ ଅଟେ ଏବଂ ଏକ ସାଧାରଣ ଢାଞ୍ଚାରେ ସମସ୍ତ ବିସ୍ଥାପନକୁ ବିଚାର କରେ ଏବଂ କାର୍ଯ୍ୟକାରିତା ଏବଂ ତଦାରଖ ପାଇଁ ଏକ ସରକାରୀ ବ୍ୟବସ୍ଥା ନିର୍ଦ୍ଧାରିତ କରେ । ଅନିଚ୍ଛାକୃତ ବିସ୍ଥାପନର ବିପଦକୁ ଦୂର କରିବା ପାଇଁ ଓଡିଶା ଆରଏଣ୍ଡଆର ନୀତି, 2006ରେ ଏକ ଅନ୍ତର୍ଭୂକ୍ତିମୂଳକ, ବିସ୍ତୃତ, ସ୍ୱଚ୍ଛ ଏବଂ ଅଂଶଗ୍ରହଣକାରୀ ପ୍ରଣାଳୀ ରହିଛି ଯାହା ବିସ୍ଥାପିତ ପରିବାରମାନଙ୍କ ପାଇଁ ପୁନର୍ବାସ ଏବଂ ଥଇଥାନ ଯୋଜନା ପ୍ରସ୍ତୁତ କରିବା ସମୟରେ ମଧ ବିଚାରକୁ ନିଆଯିବ ।

ବିସ୍ଥାପିତ ତଥା ପ୍ରଭାବିତ ପରିବାରର ପ୍ରକଳ୍ପର ବୃହତ୍ତର ଲାଭ ପାଇଁ ଡାଲମିଆ ଭରତ ଗ୍ରୁପ ଉଭୟ ନୀତିର ସର୍ବୋତ୍ତମ ବୈଶିଷ୍ଟ୍ୟଗୁଡ଼ିକୁ ଗ୍ରହଣ କରିବାକୁ ଆଗ୍ରହୀ । ଏଥିସହ ସୁନ୍ଦରଗଡ ଜିଲ୍ଲା ଜମି ଅଧିଗ୍ରହଣ, ଅନିଚ୍ଛାକୃତ ବିସ୍ଥାପନ, ଏବଂ ଆରଏଣ୍ଡଆର କ୍ଷେତ୍ରରେ ଅନେକ ସଫଳତାର କାହାଣୀ ଏବଂ ସର୍ବୋତ୍ତମ ଅଭ୍ୟାସ ଦେଖିଛି ।

ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ଦ୍ୱାରା ପ୍ରକଳ୍ପ ବିସ୍ଥାପିତ ତଥା ପ୍ରଭାବିତ ପରିବାରଗୁଡ଼ିକ ପାଇଁ ସର୍ବୋତ୍ତମ କାର୍ଯ୍ୟ ଏବଂ ଆରଏଣ୍ଡଆର ସୁବିଧା / ପ୍ୟାକେଜ୍ / ସୁବିଧା ପ୍ରଦାନ କରିବାକୁ ଡାଲମିଆ ଭରତ ସମ୍ବେଦନଶୀଳ । ଲାଞ୍ଜିବେର୍ଣ୍ଣା ଚୂନପଥର ଓ ଡୋଲୋମାଇଟ ଖଣି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକୁ ସେହିପରି ଓ ତାଠାରୁ ଉତ୍ତମ ଆରଏଣ୍ଡଆର ସୁବିଧା ଦେବାକୁ ସେମାନଙ୍କଠାରୁ ଆଶା କରାଯାଉଛି ।

ବର୍ତ୍ତମାନର ପୁନର୍ବାସ କାର୍ଯ୍ୟ ଯୋଜନା (**RAP**) ମଧ୍ୟ ପୂର୍ବ ନୀତି ପ୍ରଣୟନର ଅନୁଭୂତି, ଓଡ଼ିଶାର ରାଜ୍ୟରେ ବିଶେଷ କରି ସୁନ୍ଦରଗଡ ଜିଲ୍ଲାର ସର୍ବୋତ୍ତମ ଅଭ୍ୟାସରୁ ଏହାର ଶକ୍ତି ଆଣୁଛି । ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାର, ଜନମତ ସୃଷ୍ଟିକାରୀଙ୍କ ସମେତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ହିତାଧିକାରୀଙ୍କ ସହିତ ପରାମର୍ଶ, ଏବଂ ଆରଏଣ୍ଡଆର ବିଶେଷଜ୍ଞ ଓ ଶିକ୍ଷାବିତଙ୍କ ମତାମତ ମଧ୍ୟ ଗ୍ରହଣ କରାଯାଇଛି । ବାସ୍ତବରେ ଏହା ବିସ୍ତୃତ ଓ ଅନ୍ତର୍ଭୁକ୍ତି ଭିତ୍ତିକ ଓ ଏଥିରେ ବିସ୍ଥାପିତ ଏବଂ ପ୍ରଭାବିତ ଲୋକଙ୍କ ସମସ୍ୟା ଏବଂ ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଡକ୍ୟୁମେଣ୍ଟ ମଧ୍ୟ ଆଦିବାସୀମାନଙ୍କ ସମସ୍ୟା ଓ ଚିନ୍ତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି ଓ ସେମାନଙ୍କର ଥଇଥାନ ଓ ପୁନର୍ବାସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ସେମାନଙ୍କର ସାମାଜିକ-ସାଂସ୍କୃତିକ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ସେମାନଙ୍କର ମୂଳ ବାସସ୍ଥାନ ନିକଟରେ ଥିବା ଏକ ଅଞ୍ଚଳରେ ଥଇଥାନ ଏବଂ ଜିଲ୍ଲା ବାହାରେ ଥଇଥାନ କ୍ଷେତ୍ରରେ ଅଧିକ କ୍ଷତିପୂରଣ ବ୍ୟବସ୍ଥା ଏଥିରେ ରହିଛି ।

ଏସବୁ ବିସ୍ତୃତ ଗାଇଡଲାଇନ ଅଧିନରେ, ଏହା ସୁପାରିଶ କରାଯାଉଛି କି, ବିସ୍ଥାପିତ ଏବଂ ପ୍ରଭାବିତ ପରିବାରକୁ ଚିହ୍ନଟ କରିବା ବେଳେ ଡାଲମିଆ ସିମେଣ୍ଟ (ଭାରତ) ଲିଃ ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି, 2006ରେ ଥିବା ବ୍ୟବସ୍ଥାଗୁଡ଼ିକର ଅନୁସରଣ କରୁ ।

ଲାଞ୍ଜିବେର୍ଣ୍ଣା ଚୂନପଥର ଓ ଡୋଲୋମାଇଟ ଖଣି ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରଗୁଡ଼ିକର ଚିହ୍ନଟ ବେଳେ ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକ ନୀତି ବ୍ୟବସ୍ଥା ଲାଗୁ ହେବ ।

- "ବିସ୍ଥାପିତ ପରିବାର" ହେଉଛି ଯେଉଁମାନେ ସାଧାରଣତ 4 (1) ବିଜ୍ଞପ୍ତି ତାରିଖ ପୂର୍ବରୁ ପ୍ରକଳ୍ପ ଅଞ୍ଚଳରେ ବାସ କରୁଥାନ୍ତି ଏବଂ ତାଙ୍କ ଘରଡିହ ଜମି ଅଧିଗ୍ରହଣ ହେତୁ ଏହି ଅଞ୍ଚଳରୁ ବିସ୍ଥାପିତ ହୁଅନ୍ତି କିମ୍ବା ବିସ୍ଥାପିତ ହେବା ଆବଶ୍ୟକ ପଡୁଥାଏ ।
- "ପ୍ରଭାବିତ ପରିବାର" ହେଉଛନ୍ତି ସେହିମାନେ, ଯେଉଁମାନଙ୍କର ଜମି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଛି କିନ୍ତୁ ତାହା ଘରଡିହ ହୋଇନଥିବାରୁ ବିସ୍ଥାପିତ ହୋଇନାହାନ୍ତି କିମ୍ବା ବିସ୍ଥାପିତ ହେବା ଆବଶ୍ୟକ ନାହିଁ ।
- ଏକ "ପରିବାର" ରେ ବ୍ୟକ୍ତି ଏବଂ ତାଙ୍କ ପତ୍ନି ବା ପତି, ନାବାଳକ ପୁଅ, ଅବିବାହିତ ଝିଅ, ନାବାଳକ ଭାଇ କିମ୍ବା ଅବିବାହିତ ଭଉଣୀ, ପିତା, ମାତା ଏବଂ ଅନ୍ୟ ସଦସ୍ୟମାନେ ତାଙ୍କ ସହିତ ରୁହନ୍ତି ଏବଂ ଜୀବିକା ନିର୍ବାହ ପାଇଁ ତାଙ୍କ ଉପରେ ନିର୍ଭରଶୀଳ ଥାନ୍ତି ।

ଆହୁରି ମଧ୍ଯ, ଉକ୍ତ ନୀତି ଅନୁଯାୟୀ ଥଇଥାନ ସୁବିଧା ପ୍ରଦାନ କରିବା ନିମନ୍ତେ ନିମ୍ନଲିଖିତ ଶ୍ରେଣୀଗୁଡ଼ିକୁ ଏକ ପୃଥକ ପରିବାର ଭାବରେ ଗ୍ରହଣ କରାଯିବ ।

- ଜଣେ ସାବାଳକ ପୁଅ କିମ୍ବା ନାତି, ସେ ବିବାହିତ ଥାଆନ୍ତୁ କିମ୍ବା ଅବିବାହିତ ।
- ଜଣେ ସାବାଳିକା ଅବିବାହିତା ଝିଅ, ନାତୁଣି କିମ୍ବା ଭଉଣୀ ।
- ବୟସ ଓ ଲିଙ୍ଗ ନିର୍ବିଶେଷରେ ଶାରିରୀକ ଓ ମାନସିକଭାବେ ଭିନ୍ନକ୍ଷମ ବ୍ୟକ୍ତି ( ଏକ କ୍ଷମତାପ୍ରାପ୍ତ ମେଡିକାଲ ବୋର୍ଡ ଦ୍ବାରା ପ୍ରମାଣିତ ହେବା ଆବଶ୍ୟକ) । ଏ କ୍ଷେତ୍ରରେ 40 ପ୍ରତିଶତରୁ ଅଧିକ ସ୍ଥାୟୀ ଅକ୍ଷମତା ଭୋଗୁଥିବା ଦୃଷ୍ଟିହୀନ / ବଧିର/ ଅଙ୍ଗଗତ ଅକ୍ଷମ/ ମାନସିକ ଅକ୍ଷମମାନଙ୍କୁ ଏକ ସ୍ବତନ୍ତ୍ର ପରିବାର ଭାବେ ଧରାଯିବ ।
- ନାବାଳକ/ନାବାଳିକା ଅନାଥ, ଯିଏ ନିଜ ପିତାମାତାଙ୍କୁ ହରାଇଛନ୍ତି ।
- ଜଣେ ବିଧବା କିମ୍ବା ଛାଡପତ୍ର ପାଇଥିବା ମହିଳା ।

## କଟ୍-ଅଫ ତାରିଖ

କ. କ୍ଷତିପୂରଣ ପ୍ରଦାନ ନିମିତ୍ତ, କଟ୍ ଅଫ୍ ତାରିଖ ସେହି ତାରିଖ ହେବ ଯେଉଁ ତାରିଖରେ **RFCTLARR** ଅଧିନିୟମ, 2013 ଅଧୀନରେ ଜମି ଅଧିଗ୍ରହଣ କରିବାର ଉଦ୍ଦେଶ୍ୟ ଦର୍ଶାଇ ବିଜ୍ଞପ୍ତି ପ୍ରକାଶ ପାଇଥିବ ।

ଖ. ଥଇଥାନ ଓ ପୁନର୍ବାସ ସୁବିଧା ପାଇବା ନିମନ୍ତେ ଯୋଗ୍ୟତା ଘୋଷଣା ଉଦ୍ଦେଶ୍ୟ ଲାଗି, ବିସ୍ଥାପିତ ପରିବାରଗୁଡିକର ତାଲିକା ସେହିବର୍ଷର ଜାନୁଆରୀ 1 ରେ ନବୀକୃତ ହେବ, ଯେଉଁବର୍ଷ ବିସ୍ଥାପନ କରାଯିବାର ଯୋଜନା ରହିଛି । ତେବେ ଯେଉଁ ପରିବାରଗୁଡ଼ିକ କଟ-ଅଫ ତାରିଖ ପରେ ପ୍ରକଳ୍ପ ଅଂଚଳକୁ ରହିବାକୁ ଆସନ୍ତି ସେମାନଙ୍କୁ ଏହି ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ କରାଯିବ ନାହିଁ ।

# ଅଧ୍ୟାୟ-6

# ଉଦ୍ଦେଶ୍ୟ ଓ ଅଗ୍ରଗତି

ଏହି ଥଇଥାନ ଓ ପୁନର୍ବାସ ଯୋଜନାର ଉଦ୍ଦେଶ୍ୟ ହେଉଛି-

- ଆକ୍ଷରିକ ଓ ଅନ୍ତର୍ନିହିତ ଅର୍ଥ ଅନୁସାରେ **RFCTLARR** ଆଇନ, 2013 ଏବଂ ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି **(ORRP)** ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ।
- ଅନିଚ୍ଛାକୃତ ବିସ୍ଥାପନର ବିପଦକୁ ହ୍ରାସ କରିବା ।
- ଉନ୍ନତ ସୁବିଧା ଏବଂ ଭିତ୍ତିଭୂମି ସହିତ ଥଇଥାନ ଓ ପୁନର୍ବାସ ବାସସ୍ଥାନ ପ୍ରତିଷ୍ଠା କରିବା ।
- ବିସ୍ଥାପିତ ଏବଂ ପ୍ରଭାବିତ ସମ୍ପ୍ରଦାୟର ସାଂସ୍କୃତିକ ବୈଶିଷ୍ଟ୍ୟର ସମ୍ମାନ, ସୁରକ୍ଷା ଏବଂ ସଂରକ୍ଷଣ ।
- ଦୀର୍ଘସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଏବଂ ଆୟ ବୃଦ୍ଧି କରିବା ।
- ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡିକ ପାଇଁ ଉନ୍ନତ ଏବଂ ବିସ୍ତୃତ ଥଇଥାନ ଓ ପୁନର୍ବାସ **(R&R)** ସୁବିଧା ପ୍ରଦାନ କରିବା ।
- ବିସ୍ଥାପନ ପରବର୍ତ୍ତୀ ସମୟରେ ଜୀବନଧାରଣର ମାନ ବୃଦ୍ଧି କରିବା ।
- ଥଇଥାନ ଏବଂ ପୁନର୍ବାସ କ୍ଷେତ୍ରରେ ଦୀର୍ଘସ୍ଥାୟୀ କାର୍ଯ୍ୟପଦ୍ଧତିକୁ ପ୍ରୋତ୍ସାହିତ କରିବା ।
- ଥଇଥାନ ଓ ପୁନର୍ବାସ (**R&R**) କାର୍ଯ୍ୟ ଯୋଜନାର ପ୍ରଭାବଶାଳୀ, ସଫଳ ଏବଂ ସମୟାନୁବର୍ତ୍ତୀ ସମାପ୍ତି ନିଶ୍ଚିତ କରିବା ।
- ଥଇଥାନ ଓ ପୁନର୍ବାସ (**R&R**) କାର୍ଯ୍ୟ ଯୋଜନାର ତଦାରଖ ଓ ମୂଲ୍ୟାଙ୍କନ ପାଇଁ ବେଞ୍ଚମାର୍କିଂ ବା ମାନକ ବ୍ୟବସ୍ଥା କରିବା ।
- ଅକ୍ଷୟ ଉତ୍ସ ବ୍ୟବହାର କରି ଥଇଥାନ ଓ ପୁନର୍ବାସ ବାସସ୍ଥାନରେ ଶକ୍ତି ଦକ୍ଷତା ଆଣିବା ।
- ଥଇଥାନକାରୀ କମ୍ପାନି ଏବଂ ବିସ୍ଥାପିତ ଲୋକମାନଙ୍କ ମଧ୍ୟରେ ଆନ୍ତରିକ ସାମାଜିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ।
- ଦୁର୍ବଳ ଗୋଷ୍ଠୀ ବିଶେଷକରି ମହିଳା, ଶିଶୁ ଏବଂ ବୃଦ୍ଧମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ।
- ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟକୁ ବିକାଶର ଲାଭ ପ୍ରଦାନ କରିବା ।

- ଓଡିଶା ରାଜ୍ୟରେ ଆରଏଣ୍ଡଆର ବେଞ୍ଚମାର୍କିଂ ଏବଂ ମାନକୀକରଣକୁ ବୃଦ୍ଧି କରିବା ।

ଥଇଥାନ ଓ ପୁନର୍ବାସ ପାଇଁ **DCBL**ର ଆଭିମୁଖ୍ୟ

1. ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡିକର ସଂପୂର୍ଣ୍ଣ ଓ ସାମଗ୍ରିକ ବିକାଶ ।
2. ଥଇଥାନ ଓ ପୁନର୍ବାସ ଯୋଜନା ଏବଂ କାର୍ଯ୍ୟାନ୍ୱୟନରେ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡିକର ଅଂଶଗ୍ରହଣ ।
3. ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ।
4. ଅନୁଷ୍ଠାନିକରଣ ଏବଂ ଏକ ବ୍ୟବସ୍ଥାକୁ ସ୍ଥାପନ କରିବା ।
5. ସମୟସୀମାର ଅନୁପାଳନ ।
6. ଅଭିଯୋଗ ପ୍ରତିକାର

ଏହା ସୁପାରିଶ କରାଯାଉଛି ଯେ, DCBL  ନିଜର ଖଣି ଲିଜ ଅଂଚଳରେ ଜମି ଅଧିଗ୍ରହଣ ପାଇଁ ବିସ୍ଥାପନ କରିବା ପୂର୍ବରୁ  ଓଡ଼ିଶା ସରକାରଙ୍କ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ବଚ୍ଛତା ଓ ନ୍ୟାୟସଂଗତ କ୍ଷତିପୂରଣ ଅଧିକାର **(RTFCTLARR)** ଆଇନ,2013, ପରବର୍ତ୍ତୀ କାଳରେ ଏଥିରେ ହୋଇଥିବା ସଂଶୋଧନ, ନୂଆ ନିୟମ ଓ ପରିବର୍ତ୍ତନ ତଥା ଓଡ଼ିଶା ସରକାରଙ୍କ ଦ୍ବାରା ଅଣାଯାଇଥିବା ଅନ୍ୟ କୌଣସି ଆଇନ ବା ନୀତିର ଅନୁପାଳନ ସହିତ ଓଡ଼ିଶା ଆରଏଣ୍ଡଆର ନୀତି, 2006 ଓ ଏଥିରେ ଅଣାଯାଇଥିବା ସଂଶୋଧନରେ ଥିବା ସୁବିଧାକୁ ସାମିଲ କରାଯିବା ଉଚିତ ।

ପ୍ରସ୍ତାବିତ ଜମି ଅଧିଗ୍ରହଣ ଏବଂ ବିସ୍ଥାପନ ଓ ଥଇଥାନ  ସଂପର୍କିତ ସମସ୍ତ ସମସ୍ୟା / ମାମଲାର ସମାଧାନ ପାଇଁ DCBL ଏକ ସକ୍ଷମ ବ୍ୟବସ୍ଥା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ପ୍ରସ୍ତାବ ଦେଉଛି ।  ଏହା ସମସ୍ତ ପକ୍ଷଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ, ଏବଂ ଭରସାକୁ ସୁନିଶ୍ଚିତ କରିବ ।

ଏହି ଡକ୍ୟୁମେଣ୍ଟଟ ହେଉଛି ଥଇଥାନ ଏବଂ ପୁନର୍ବାସ ପାଇଁ ସୁପାରିଶ କେତେକ ସୁପାରିଶ । ଏଥିରେ ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରକୁ ଦିଆଯିବାକୁ ଥିବା ସୁବିଧା ଏବଂ ସୁଯୋଗଗୁଡ଼ିକର ତାଲିକା ଦିଆଯାଇଛି ଯାହାକି ଥଇଥାନ ଏବଂ ପୁନର୍ବାସ ଯୋଜନା ଏବଂ କାର୍ଯ୍ୟାନ୍ବୟନ ବେଳେ ଅନୁସରଣ କରାଯିବ । ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥଇଥାନ ଏବଂ ପୁନର୍ବାସ ପ୍ରକଳ୍ପର ସଫଳ ଓ ସମୟୋଚିତ କାର୍ଯ୍ୟାନ୍ବୟନ ପାଇଁ ଏହି ଡକ୍ୟୁମେଣ୍ଟରେ କେତେକ ମାନଦଣ୍ଡ ଓ ବେଞ୍ଚମାର୍କ ପ୍ରସ୍ତୁତ କରାଯାଇଛି, ଯାହାକୁ ପ୍ରକଳ୍ପ ନିର୍ମାଣକାରୀ (DCBL) ଅନୁସରଣ କରିବ ।

# ଅଧ୍ୟାୟ-7

# ଥଇଥାନ ଓ ପୁନର୍ବାସ ପ୍ୟାକେଜ୍

ପ୍ରସ୍ତାବିତ ଥଇଥାନ ଏବଂ ପୁନର୍ବାସ ପ୍ୟାକେଜ୍ ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି (ORRP), 2006 ଏବଂ **RFCTLAR&R** ଆଇନ **2013** ପ୍ରଦାନ କରାଯାଇଥିବା ସର୍ବୋତ୍ତମ ବ୍ୟବସ୍ଥା ଉପରେ ଆଧାରିତ । ଥଇଥାନ ଓ ପୁନର୍ବାସ କଲୋନୀରେ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ଓ ମୌଳିକ ସୁବିଧାଗୁଡ଼ିକ ଅଧ୍ୟାୟ-୫ ଓ **RFCTLAR&R** ଆଇନ **2013**ର ୩ୟ ସିଡ୍ୟୁଲ ଅନୁସରଣରେ କରାଯିବ । ଏହାସହିତ ସୁନ୍ଦରଗଡ଼ ଜିଲ୍ଲାରେ ପୂର୍ବରୁ ହୋଇଥିବା ସଫଳ କାର୍ଯ୍ୟକୁ ବିଚାରକୁ ନିଆଯିବ । ସୁପାରିଶ କରାଯାଉଛି ଯେ, ନିମ୍ନଲିଖିତ ଥଇଥାନ ଓ ପୁନର୍ବାସ ସୁବିଧାଗୁଡ଼ିକ ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରକୁ ଏହି ସର୍ତ୍ତରେ ଦିଆଯିବ ଯେ ଅଧିଗ୍ରହଣ ହୋଇଥିବା ଜମି ହସ୍ତାନ୍ତର କରାଯାଇଥିବ ଓ ଜମିକୁ ଖାଲି କରି ପରିବାରଗୁଡ଼ିକୁ ପୁନର୍ବାସ ସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଥିବ ଓ ପୁରୁଣା ଗ୍ରାମରେ ଥିବା ଘରଗୁଡ଼ିକୁ ଭଙ୍ଗାଯାଇଥିବ । ଆହୁରିମଧ୍ୟ, ସରକାରଙ୍କ ମଂଜୁରୀ କ୍ଷେତ୍ରରେ ହିଁ ଏହି ସାମଗ୍ରିକ ଥଇଥାନ ଓ ପୁନର୍ବାସ ଯୋଜନା କାର୍ଯ୍ୟକାରୀ ହୋଇପାରିବ । ପ୍ରସ୍ତାବିତ ଆରଏଣ୍ଡଆର ପଦକ୍ଷେପଗୁଡ଼ିକ ନିମ୍ନରେ ଦିଆଗଲା ।



କ. ଥଇଥାନର ସୁବିଧା

| କ୍ର.ନଂ. | ଥଇଥାନର ସୁବିଧାଗୁଡ଼ିକ | ଓଡ଼ିଶା ପୁନର୍ବାସ ଏବଂ ଥଇଥାନ ନୀତି (R&R) ଏବଂ RFCTLARR ଆଇନ **2013** ଥିବା ବ୍ୟବସ୍ଥା | **DCBL** ଦ୍ବାରା ପ୍ରସ୍ତାବିତ ସୁବିଧା |
|---|---|---|---|
| **1** | ଆରଏଣ୍ଡଆର କଲୋନିରେ ଘର ପ୍ଲଟ୍ | ଆରଏଣ୍ଡଆର କଲୋନିରେ ପ୍ରତି ବିସ୍ଥାପିତ ପରିବାରକୁ 0.10 ଏକର ଗରଡିହ ଜମି | ଆରଏଣ୍ଡଆର କଲୋନିରେ ପ୍ରତି ବିସ୍ଥାପିତ ପରିବାରକୁ 0.10 ଏକର ଗରଡିହ ଜମି |
| **2** | ଘର ପ୍ଲଟ ବାବଦରେ ଆର୍ଥିକ କ୍ଷତିପୂରଣ | ସ୍ବେଚ୍ଛାକୃତ ଭାବେ ସ୍ଥାନାନ୍ତରିତ ହେବାକୁ ଇଚ୍ଛା କରିଥିବା ବିସ୍ଥାପିତ ପରିବାରକୁ 91,000 ଟଙ୍କା | ସ୍ବେଚ୍ଛାକୃତ ଭାବେ ସ୍ଥାନାନ୍ତରିତ ହେବାକୁ ଇଚ୍ଛା କରିଥିବା ବିସ୍ଥାପିତ ପରିବାରକୁ 91,000 ଟଙ୍କା |
| **3** | ନିର୍ମିତ ଗୃହ | ପ୍ରତି ବିସ୍ଥାପିତ ପରିବାରକୁ ଆରଏଣ୍ଡଆର କଲୋନିରେ ନିର୍ମିତ ଗୃହ | ଆରଏଣ୍ଡଆର କଲୋନିରେ ଆବଣ୍ଟିତ 0.10 ଏକର ଜମିରେ 800 ବର୍ଗଫୁଟର କଂକ୍ରିଟ ଘର ନିର୍ମାଣ (RCC building) **ଯେଉଁଥିରେ 2ଟି ଘର, ରୋଷେଇଘର, ପାଇଖାନା, ଗାଧୁଆଘର, ଗୁହାଳ ଥିବ ଓ ଘରେ ବିଦ୍ୟୁତ ଓ ପାଣି ସଂଯୋଗ ଥିବ ।** |

| | | | |
|---|---|---|---|
| **4** | ସ୍ବେଚ୍ଛାକୃତ ଭାବେ ସ୍ଥାନାନ୍ତରିତ ହେବାକୁ ଇଚ୍ଛା କରିଥିବା  ବିସ୍ଥାପିତ ପରିବାରକୁ ଗୃହନିର୍ମାଣ ସହାୟତା | ସ୍ବେଚ୍ଛାକୃତ ଭାବେ ସ୍ଥାନାନ୍ତରିତ ହେବାକୁ ଇଚ୍ଛା କରିଥିବା ବିସ୍ଥାପିତ ପରିବାରକୁ ଟ.2,73,000/- | ନିର୍ମାଣ ପରେ ସ୍ଥାନାନ୍ତରିତ ହେବାକୁ ଥିବା ବିସ୍ଥାପିତ ପରିବାରକୁ ଟ.6 ଲକ୍ଷ 3ଟି କିସ୍ତିରେ ପ୍ରଦାନ କରାଯିବ, ଗୋଟିଏ ଥରରେ ସ୍ଥାନାନ୍ତରିତ ହୋଇଥିଲେ ସଂପୂର୍ଣ୍ଣ ରାଶି ଗୋଟିଏ ଥରରେ ପ୍ରଦାନ କରାଯିବ |
| **5** | ଅସ୍ଥାୟୀ ବାସସ୍ଥାନ | ବିସ୍ଥାପିତ ପରିବାକୁ ଟ.18,200/- ଓଡିଶା ପୁନର୍ବାସ ଏବଂ ଥଇଥାନ ନୀତି  2006 ଅନୁସାରେ | ସ୍ବେଚ୍ଛାକୃତ ଭାବେ ସ୍ଥାନାନ୍ତରିତ ହେବାକୁ ଇଚ୍ଛା କରିଥିବା  ବିସ୍ଥାପିତ ପରିବାକୁ ଟ.18,200/- |
| **6** | ଗୁହାଳ / ଛୋଟ ଦୋକାନଘର | ଗୁହାଳ / ଛୋଟ ଦୋକାନଘର ପାଇଁ ଟ.25,000 /- | ଟ.25,000 /- |
| **7** | ପରିବହନ ଭତ୍ତା | ମାଗଣା ପରିବହନ ପାଇଁ ଟ.3640 ଟଙ୍କା (**ORRP-2006**) ଟ.50,000- **RFCTLARR** ଆଇନ **2013** | ଯୋଗ୍ୟ ପ୍ରକଳ୍ପ ବିସ୍ଥାପିତ ପରିବାରଗୁଡ଼ିକୁ ପରିବାର ପିଛା ଟ.10,000/- ଏହାସହିତ ପ୍ରତି ବିସ୍ଥାପିତ ପରିବାରକୁ ମାଗଣା ପରିବହନ ସୁବିଧା ଦିଆଯିବ । ଘର ଭଙ୍ଗା ଓ ଘର ସାମଗ୍ରୀର ପରିବହନ ବାବଦ ବ୍ୟୟ କମ୍ପାନି ବହନ |

| | | | |
|---|---|---|---|
| | | | କରିବ । |
| **8** | ହସ୍ତଶିଳ୍ପୀ, କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକକାଳୀନ ଅନୁଦାନ | **Rs. 25,000** | **Rs. 25,000** |
| **9** | ରକ୍ଷଣାବେକ୍ଷଣ ଭତ୍ତା | ପ୍ରକୃତ ବିସ୍ଥାପନ ତାରିଖଠାରୁ 12 ମାସ ପର୍ଯ୍ୟନ୍ତ ପ୍ରତି ପ୍ରକଳ୍ପ ବିସ୍ଥାପିତ ପରିବାରକୁ ମାସିକ ଟ.3640 ଟଙ୍କା **ORRP-2006,**<br>ମାସିକ ଟ.30**00** ଟଙ୍କା 12 ମାସ ପାଇଁ- **RFCTLARR** ଆଇନ **2013** | ପ୍ରକୃତ ବିସ୍ଥାପନ ତାରିଖଠାରୁ 12 ମାସ ପର୍ଯ୍ୟନ୍ତ ପ୍ରତି ପ୍ରକଳ୍ପ ବିସ୍ଥାପିତ ପରିବାରକୁ ମାସିକ ଟ.3640 ଟଙ୍କା |
| **10** | ଅନୁସୂଚୀତ ଜାତି, ଉପଜାତି ବିସ୍ଥାପିତ ପରିବାରକୁ ସ୍ବତନ୍ତ୍ର ସହାୟତା | ଟ.50,000/-<br>RFCTLARR ଆଇନ | ଅନୁସୂଚୀତ ଜାତି, ଉପଜାତିର ବିସ୍ଥାପିତ ପରିବାରକୁ ଟ.50,000/- ଦିଆଯିବ |
| **11** | ଏକାଧିକ ବିସ୍ଥାପନ ପାଇଁ ଆରଏଣ୍ଡଆର ଆର୍ଥିକ କ୍ଷତିପୂରଣ | ଏକାଧିକ ବିସ୍ଥାପନ କ୍ଷେତ୍ରରେ ସାଧାରଣ କ୍ଷତିପୂରଣର 50 ପ୍ରତିଶତ ଅତିରିକ୍ତ କ୍ଷତିପୂରଣ ପ୍ରତ୍ୟେକ ବିସ୍ଥାପିତ ପରିବାରକୁ | ନୀତି ଅନୁସାରେ ଏକାଧିକ ବିସ୍ଥାପନ କ୍ଷେତ୍ରରେ ଅତିରିକ୍ତ କ୍ଷତିପୂରଣ ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ପ୍ରଦାନ କରାଯିବ |

| | | | |
|---|---|---|---|
| | | ସାଧାରଣ କ୍ଷତିପୂରଣ ଉପରେ ଏବଂ ଅତିରିକ୍ତଭାବେ ପ୍ରଦାନ କରାଯିବ- **ORRP-2006**, ଏକାଧିକ ବିସ୍ଥାପନ କ୍ଷେତ୍ରରେ ଅତିରିକ୍ତ କ୍ଷତିପୂରଣ- **RFCTLARR ଆଇନ 2013** | |
| **12** | ତେଜରାତି ଓ ସ୍ଥାନାନ୍ତରଣ ପ୍ୟାକେଜ୍ | **ORRP-2006**-କୌଣସି ବ୍ୟବସ୍ଥା ନାହିଁ **RFCTLARR ଆଇନ 2013** କୌଣସି ବ୍ୟବସ୍ଥା ନାହିଁ | ଜମି ଖାଲିକରିବା ଦିନଠାରୁ ଏକ ମାସ ପାଇଁ ତେଜରାତି ସାମଗ୍ରୀ ଓ 50,000 ଟଙ୍କାର ସ୍ଥାନାନ୍ତରଣ ପ୍ୟାକେଜ୍ |
| **13** | ଜିଲ୍ଲା ବାହାରେ ଥଇଥାନ ହୋଇଥିବା ବିସ୍ଥାପିତ ଆଦିବାସୀ ପରିବାରଗୁଡ଼ିକୁ ଅତିରିକ୍ତ ସହାୟତା | ଜିଲ୍ଲା ବାହାରେ ଥଇଥାନ ହୋଇଥିବା ବିସ୍ଥାପିତ ଆଦିବାସୀ ଓ ଆଦିମ ଅଧିବାସୀ ପରିବାରଗୁଡ଼ିକୁ 25% ଅଧିକ R&R ସୁବିଧା, ORRP -2006 | ଜିଲ୍ଲା ବାହାରେ ଥଇଥାନ ହୋଇଥିବା ବିସ୍ଥାପିତ ଆଦିବାସୀ ଓ ଆଦିମ ଅଧିବାସୀ ପରିବାରଗୁଡ଼ିକୁ 25% ଅଧିକ R&R ସୁବିଧା, ORRP -2006 |

ଖ. ପୁନର୍ବାସ ସୁବିଧାସମୁହ

ପୁନର୍ବାସ ଏକ ବ୍ୟାପକ ଧାରଣା ଏବଂ ଏଥିରେ ଆର୍ଥିକ, ସାମାଜିକ, ଧାର୍ମିକ, ସାଂସ୍କୃତିକ ଏବଂ ଶାରୀରିକ ଦିଗ ଅନ୍ତର୍ଭୁକ୍ତ । ଏହା ଏକ ନିରନ୍ତର ପ୍ରକ୍ରିୟା ଏବଂ ବିସ୍ଥାପନ କାର୍ଯ୍ୟ ସମାପ୍ତ ହେବା ପରେ ବି ଚାଲିଥାଏ । ଏହା ଏକ

ଦୀର୍ଘକାଳୀନ ଯୋଜନା ଏବଂ ଅନେକ ପ୍ରୟାସ ଆବଶ୍ୟକ କରେ ଯାହା ଦ୍ବାରା ଲୋକମାନେ ବିସ୍ଥାପନ ପର ସମୟରେ ନିଜର ପାରମ୍ପରିକ ମୂଲ୍ୟବୋଧ ପ୍ରଣାଳୀ, ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧ ଓ ପରିଚୟ ସହ ଏକ ଉତ୍ତମ ଜୀବନଯାପନ କରିପାରିବେ । **DCBL** ଦ୍ବାରା ନିମ୍ନଲିଖିତ ପୁନର୍ବାସ କାର୍ଯ୍ୟକ୍ରମଗୁଡିକ ଅନୁସରଣ କରାଯିବା ପାଇଁ ପରାମର୍ଶ ଦିଆଯାଇଛି : -

**1)** ରୋଜଗାର ବା କ୍ଷତିପୂରଣ

ଓଡିଶା ଥଇଥାନ ଓ ପୁନର୍ବାସ ନୀତି, 2006 ରେ ଧାର୍ଯ୍ୟ କରାଯାଇଛି ଯେ ସମ୍ଭବ ସ୍ଥଳେ ପ୍ରତ୍ୟେକ ବିସ୍ଥାପିତ / ଅନ୍ୟ ପରିବାରର ଜଣେ ସଦସ୍ୟଙ୍କୁ ବିସ୍ଥାପନ କରୁଥିବା ପ୍ରକଳ୍ପରେ ଚାକିରି ଦିଆଯିବ। ଚାକିରି ପାଇଁ, ପ୍ରତ୍ୟେକ ପରିବାର ଜଣେ ସଦସ୍ୟଙ୍କୁ ମନୋନୀତ କରିବେ । ଚାକିରି ପ୍ରସଙ୍ଗରେ ବିସ୍ଥାପିତ ଏବଂ ଅନ୍ୟ ପ୍ରଭାବିତ ପରିବାର ଦ୍ବାରା ମନୋନୀତ ସଦସ୍ୟଙ୍କୁ ପ୍ରକଳ୍ପ ନିର୍ମାଣକାରୀ କମ୍ପାନି ଅଗ୍ରାଧିକାର ଦେବେ ।

ନିମ୍ନ କ୍ରମର ଅଗ୍ରାଧିକାର ଦିଆଯିବ

**i)** ଘରଡିହ ସମେତ ସବୁ ଜମି ହରାଇଥିବା ବିସ୍ଥାପିତ ପରିବାର,

**ii)** ଦୁଇ-ତୃତୀୟାଂଶ କୃଷି ଜମି ଓ ଘରଡିହ ହରାଇଥିବା ବିସ୍ଥାପିତ ପରିବାର,

**iii)** ଘରଡିହକୁ ଛାଡ଼ି ସବୁ କୃଷିଜମି ହରାଇଥିବା ପରିବାର

**iv)** ଏକ-ତୃତୀୟାଂଶରୁ ଅଧିକ କୃଷି ଜମି ଓ ଘରଡିହ ଜମି ହରାଇଥିବା ପରିବାର,

**v)** କୃଷିଜମିକୁ ଛାଡ଼ି କେବଳ ଘରଡିହ ହରାଇଥିବା ପରିବାର,

**vi)** ଘରଡିହକୁ ଛାଡ଼ି କୃଷିଜମିର କିଛି ଅଂଶ ହରାଇଥିବା ପରିବାର ।

ଏହି ନୀତିରେ ଏହା ଉପରେ ମଧ୍ଯ ଗୁରୁତ୍ବଆରୋପ କରାଯାଇଛି ଯେ, ବିସ୍ଥାପିତ ପରିବାର ଦ୍ବାରା ମନୋନୀତ ସଦସ୍ୟଙ୍କୁ ନିଯୁକ୍ତିଯୋଗ୍ୟ କରିବାକୁ ସେମାନଙ୍କ ଦକ୍ଷତା ବିକାଶ ଦିଗରେ ପ୍ରକଳ୍ପ କର୍ତ୍ତୃପକ୍ଷ ସ୍ବତନ୍ତ୍ର ବ୍ୟବସ୍ଥା କରିବେ ।

### 1.1 କୁଶଳୀ କର୍ମନିୟୋଜନ

ଖଣି କାର୍ଯ୍ୟ ଏକ ଜଟିଳ ପ୍ରକ୍ରିୟା ଏବଂ ଏହା କୁଶଳୀ ମାନବ ସମ୍ବଳ ଆବଶ୍ୟକ କରେ । ବିସ୍ଥାପିତ ଏବଂ ପ୍ରଭାବିତ ସମ୍ପ୍ରଦାୟ ମଧ୍ୟରେ ଏହିପରି ଦକ୍ଷ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ନିମନ୍ତେ ପଦକ୍ଷେପ ନେବାକୁ **DCBL**କୁ ପରାମର୍ଶ ଦିଆଯାଇଛି । ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, କୌଶଳତା, କାର୍ଯ୍ୟଦକ୍ଷତା ଏବଂ ଉଚ୍ଚ ତାଲିମ ନେବାକୁ ଥିବା ଆଗ୍ରହର ଯାଞ୍ଚ କରାଯିବ । ଏପରି ପ୍ରାର୍ଥୀଙ୍କ ପାଇଁ **DCBL** ବୈଷୟିକ ତାଲିମର ବ୍ୟବସ୍ଥା କରିବା ଉଚିତ ଓ ଏହାର ସଫଳ ସମାପ୍ତି ପରେ ସେମାନଙ୍କୁ ଖାଲି ପଦବୀରେ ଚାକିରିରେ ଅଗ୍ରାଧିକାର ଦିଆଯାଇପାରେ ।

**1.2** ଅଣ-କୁଶଳୀ କର୍ମନିୟୋଜନ

ଡିସିବିଏଲ୍ ବିସ୍ଥାପିତ ସମ୍ପ୍ରଦାୟର ଯୁବକମାନଙ୍କୁ ନିୟୋଜିତ କରିବାକୁ ଚିନ୍ତା କରିବା ଉଚିତ ଯେଉଁମାନେ ଚାକିରୀ ପାଇଁ ଯୋଗ୍ୟ ଅଟନ୍ତି ଏବଂ ଖଣି ଅପରେଟର ତଥା ଅନ୍ୟାନ୍ୟ ଆଉଟସୋର୍ସିଂ ଏଜେନ୍ସି ଅଧୀନରେ ଅଣକୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଚାକିରି ପାଇଁ ଇଚ୍ଛୁକ ଅଛନ୍ତି ।

ଯେଉଁ କ୍ଷେତ୍ରରେ ଏହା ସମ୍ଭବ ନ ହୁଏ, ନିମ୍ନଲିଖିତ ଅନୁସାରେ ଏପରି ବିସ୍ଥାପିତ ପରିବାରକୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବ । ଯେଉଁ ବିସ୍ଥାପିତ ପରିବାର ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ପାଇଁ ଇଚ୍ଛାପ୍ରକାଶ ନକରନ୍ତି ସେମାନଙ୍କୁ ରୋଜଗାର ବାବଦରେ ନିମ୍ନ କ୍ରମଅନୁସାରେ ଏକକାଳୀନ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯିବ ..

1. (i) ବର୍ଗରେ ଆସୁଥିବା ବିସ୍ଥାପିତ ପରିବାରକୁ 9.10 ଲକ୍ଷ ଟଙ୍କା
2. (ii) ବର୍ଗରେ ଆସୁଥିବା ପରିବାରକୁ 5.46 ଲକ୍ଷ ଟଙ୍କା
3. (iii) ବର୍ଗରେ ଆସୁଥିବା ପରିବାରକୁ 3.64 ଲକ୍ଷ ଟଙ୍କା
4. (iv),(v) ଓ (vi) ବର୍ଗରେ ଆସୁଥିବା ପରିବାରକୁ 1.82 ଲକ୍ଷ ଟଙ୍କା

| କ୍ର. ନଂ. | ପୁନର୍ବାସ ସୁବିଧାସମୂହ | ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି 2006ରେ ଥିବା ବ୍ୟବସ୍ଥା | ପ୍ରସ୍ତାବିତ ସୁବିଧାସମୂହ |
|---|---|---|---|
| **1** | ରୋଜଗାର ବାବଦରେ ଆର୍ଥିକ କ୍ଷତିପୂରଣ | ORRP 2006<br>ବର୍ଗ ଲକ୍ଷ ଟଙ୍କା<br>**I 9.10**<br>**II 5.46**<br>**III 3.64**<br>**IV,V ଓ VI 1.82**<br>RFCTLARR ଆଇନ ଟ.<br>**5,00,000/-** | ବର୍ଗ ଲକ୍ଷ ଟଙ୍କା<br>**I** 17.0<br>**II** 10.20<br>**III** 6.80<br>**IV,V ଓ VI** 3.40 |
| **2** | ଭତ୍ତା | **ORRP,** 2006-କୌଣସି ବ୍ୟବସ୍ଥା ନାହିଁ<br>**RFCTLARR** ଆଇନ- କୃଷି ଶ୍ରମିକଙ୍କ ନିମନ୍ତେ ପରିବାର ପିଛା ମାସିକ ଟ.2000, 20 ବର୍ଷ ପାଇଁ ଓ ସିପିଆଇ ସହ ସୂଚକୀକରଣ | ପରିବାର ପରିଚାଳନା ଓ ସାମାଜିକ ସୁରକ୍ଷା ପାଇଁ ପ୍ରତ୍ୟେକ ବିସ୍ଥାପିତ ପରିବାର ପାଇଁ ଭତ୍ତା ସ୍କିମ । ପ୍ରତି ବିସ୍ଥାପିତ ପରିବାରକୁ 20 ବର୍ଷ ପାଇଁ ମାସିକ 3 ହଜାର ଟଙ୍କା ଦିଆଯିବ ଓ ପ୍ରତି ଦୁଇବର୍ଷରେ ମାସିକ ଭତ୍ତାରେ 500 ଟଙ୍କା ଲେଖାଏଁ ବୃଦ୍ଧି କରାଯିବ । |
| **3** | ବୈଷୟିକ ଓ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି | କୌଣସି ବ୍ୟବସ୍ଥା ନାହିଁ | ପ୍ରକଳ୍ପ ବିସ୍ଥାପିତ ଓ ପ୍ରଭାବିତ ପରିବାରର କୌଣସି ସଦସ୍ୟ ଉଚ୍ଚଶିକ୍ଷା ପାଇଁ ନାମ ଲେଖାଇଥିଲେ ସେମାନଙ୍କୁ 5 ବର୍ଷ ପାଇଁ ମାସିକ 2 ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ । ତେବେ ଉକ୍ତ ବ୍ୟକ୍ତି ଶିକ୍ଷା ଅଧାରୁ ଛାଡ଼ିଲେ କିମ୍ବା |

| | | | |
|---|---|---|---|
| | | | ଶିକ୍ଷା ସମାପ୍ତ କଲେ ଉକ୍ତ ଛାତ୍ରବୃତ୍ତି ଆପେ ଆପେ ବନ୍ଦ ହୋଇଯିବ । |
| **4** | ସ୍ୱ-ରୋଜଗାର ପାଇଁ ତାଲିମ | ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ତଦାରଖରେ ପ୍ରକଳ୍ପ କର୍ତ୍ତୃପକ୍ଷ ପ୍ରତ୍ୟେକ ବିସ୍ଥାପିତ ପରିବାରର ଅତି କମରେ ଜଣେ ସଦସ୍ୟଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ ଯଦ୍ବାରା ସେ ନିଜର ଛୋଟ ବ୍ୟବସାୟ ଆରମ୍ଭ କରିପାରିବେ ଏବଂ ନୂଆ ସୁଯୋଗର ସଦବ୍ୟବହାର ପାଇଁ ନିଜର ଦକ୍ଷତାକୁ ବୃଦ୍ଧି କରିପାରିବେ । ପାରମ୍ପରିକ ବୃତ୍ତି / ହସ୍ତଶିଳ୍ପ / ହସ୍ତତନ୍ତରେ ନିୟୋଜିତ ଥିବା ବ୍ୟକ୍ତିଙ୍କ ଦକ୍ଷତାବୃଦ୍ଧି ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ମୂଲ୍ୟରେ ଉପଯୁକ୍ତ ତାଲିମ ବ୍ୟବସ୍ଥା କରାଯିବ । | ନିଯୁକ୍ତି ଓ ଲାଭଜନକ ରୋଜଗାର ପାଇଁ ଯୋଗ୍ୟ ପ୍ରକଳ୍ପ ବିସ୍ଥାପିତ ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଓ କ୍ଷମତା ବୃଦ୍ଧି ପାଇ ଆବଶ୍ୟକ ବ୍ୟବସ୍ଥା କରାଯିବା ଆବଶ୍ୟକ ।<br><br>ଏହାଛଡ଼ା, ପ୍ରକଳ୍ପ ବିସ୍ଥାପିତ ପରିବାର ମଧ୍ୟରେ ବିଶେଷକରି ବୟସ୍କ ଓ ମହିଳାମାନଙ୍କ ମଧ୍ୟରେ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ବିଶେଷଜ୍ଞ ଏଜେନ୍ସିକୁ ନିୟୋଜିତ କରାଯିବା ଆବଶ୍ୟକ। ଏହି ଏଜେନ୍ସି ଆବଶ୍ୟକତାଭିତ୍ତିକ ମୂଲ୍ୟାଙ୍କନ କରିବ ଏବଂ ବିଭିନ୍ନ ଜୀବିକା କାର୍ଯ୍ୟକଳାପ ଉପରେ ଆବଶ୍ୟକ ଦକ୍ଷତା ବିକାଶ ଏବଂ କୌଶଳ ବିକାଶ ତାଲିମ ପ୍ରଦାନ କରିବ, ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ ଉଦ୍ୟୋଗୀ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ ପରାମର୍ଶଭିତ୍ତିକ ସହାୟତା |

| | | | |
|---|---|---|---|
| | | | ପ୍ରଦାନ କରିବ । |

ଗ. ପୁନର୍ବାସ ଓ ଥଇଥାନ କଲୋନିରେ ନିର୍ମାଣହେବାକୁ ଥିବା ମୌଳିକ ସୁବିଧା ଓ ଭିତ୍ତିଭୂମି

| କ୍ର.ନଂ. | ମୌଳିକ ସୁବିଧା ଓ ଭିତ୍ତିଭୂମି | ବିବରଣୀ |
|---|---|---|
| **1** | ଜଳଯୋଗାଣ ବ୍ୟବସ୍ଥା | ଆରଏଣ୍ଡଆର କଲୋନୀରେ ଥିବା ସମସ୍ତ ଘର ଏବଂ ସାଧାରଣ ସୁବିଧା କେନ୍ଦ୍ରରେ ସୁରକ୍ଷିତ ଏବଂ ବହନକ୍ଷମ ପାନୀୟ ଜଳ ଯୋଗାଇ ଦିଆଯିବା ଉଚିତ, ପ୍ରତ୍ୟେକ ଘରେ ଓଭରହେଡ୍ ଟ୍ୟାଙ୍କ ସୁବିଧା ସ୍ଥାପନ କରାଯିବ । |
| **2** | ବିଦ୍ୟୁତ | ଆରଏଣ୍ଡଆର କଲୋନିରେ ବିଦ୍ୟୁତ ସଂଯୋଗ ରହିବ । ପ୍ରତି ପରିବାରରେ ବିଦ୍ୟୁତ ସଂଯୋଗ ରହିବ ଓ ବିଦ୍ୟୁତ ସଯୋଗ ପାଇଁ ପ୍ରାରମ୍ଭିକ ଦୟ **DCBL** ଗ୍ରହଣ କରିବ । ତେବେ ସେମାନେ **TPWODL**ର ଉପଭୋକ୍ତା ହେବେ ଓ ନିଜର ବ୍ୟବହାର ଅନୁସାରେ ମାସିକ ଦେୟ ପ୍ରଦାନ କରିବେ । |
| **3** | ସଡ଼କ | ଆରଏଣ୍ଡଆର କଲୋନିକୁ ଯାଉଥିବା ମୁଖ୍ୟ ରାସ୍ତା ଓ ଆଭ୍ୟନ୍ତରୀଣ ରାସ୍ତା ପିଚୁ ଓ କଂକ୍ରିଟରେ ନିର୍ମାଣ ହେବ । |
| **4** | ଡ୍ରେନ | ଆରଏଣ୍ଡଆର କଲୋନୀରେ ପକ୍କା ଡ୍ରେନେଜ୍ ନିର୍ମାଣ କରାଯିବା ଉଚିତ। |
| **5** | ସ୍କୁଲ | ଆବଶ୍ୟକତା ଓ ସରକାରୀ ମଂଜୁରୀ ଅନୁସାରେ ସ୍କୁଲ ଘର ନିର୍ମାଣ କରାଯିବା ଉଚିତ । |

| | | |
|---|---|---|
| **6** | ଅଂଗନୱାଡି କେନ୍ଦ୍ର | ଆବଶ୍ୟକତା ଓ ସରକାରୀ ମଂଜୁରୀ ଅନୁସାରେ ଅଂଗନୱାଡି କେନ୍ଦ୍ର ନିର୍ମାଣ କରାଯିବା ଉଚିତ । |
| **7** | ଚିକିତ୍ସାଳୟ | ଆବଶ୍ୟକତା ଓ ସରକାରୀ ମଂଜୁରୀ ଅନୁସାରେ ଚିକିତ୍ସାଳୟ ନିର୍ମାଣ କରାଯିବା ଉଚିତ । |
| **8** | ଗୋଷ୍ଠୀ କେନ୍ଦ୍ର | ଆବଶ୍ୟକତା ଅନୁସାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହେବା ଉଚିତ । |
| **9** | ପ୍ରାଣୀ ଚିକିତ୍ସା କେନ୍ଦ୍ର | ଆବଶ୍ୟକତା ଓ ସରକାରୀ ମଂଜୁରୀ ଅନୁସାରେ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କରାଯିବା ଉଚିତ । |
| **10** | ତାଲିମ କେନ୍ଦ୍ର | ଆବଶ୍ୟକତା ଅନୁସାରେ ତାଲିମ କେନ୍ଦ୍ର ନିର୍ମାଣ ହେବା ଉଚିତ । |
| **11** | ପିଡିଏସ କେନ୍ଦ୍ର**,** ଦୋକାନ ଓ ସେବା ୟୁନିଟ୍ | ଆବଶ୍ୟକତା ଅନୁସାରେ ପିଡିଏସ କେନ୍ଦ୍ର**,** ଦୋକାନ ଓ ସେବା ୟୁନିଟ୍ ନିର୍ମାଣ କରାଯିବ ଓ ଏଗୁଡ଼ିକୁ ବିସ୍ଥାପିତ ପରିବାରମାନଙ୍କ ଦ୍ବାରା ଗଠିତ କମିଟି ମାଧ୍ୟମରେ ପରିଚାଳନା କରାଯିବ । |
| **12** | ପୋଖରୀ | ଆରଏଣ୍ଡଆର କଲୋନୀ ନିକଟରେ ଉପଲବ୍ଧ ପୋଖରୀର ନବୀକରଣ ଏବଂ ଡି-ସାଲିନେସନ ପାଇଁ ପ୍ରୟାସ କରାଯିବା ଉଚିତ । ଆବଶ୍ୟକତା ଅନୁଯାୟୀ ଓ ଜମି ଉପଲବ୍ଧ ଥିଲେ  ନୂତନ ପୋଖରୀ ଖୋଳାଯାଇ ପାରିବ । |
| **13** | ଉପସନା କେନ୍ଦ୍ର | ବିସ୍ଥାପିତ ପରିବାରଗୁଡ଼ିକର ଧର୍ମ ବିଶ୍ବାସ ଅନୁସାରେ ଉପାସନାସ୍ଥଳ ନିର୍ମାଣ କରାଯିବ । |
| **14** | ଶ୍ମଶାନ ଓ କବରସ୍ଥାନ | ଆବଶ୍ୟକତା ଅନୁସାରେ ଶ୍ମଶାନ ନିର୍ମାଣ କରାଯିବ । ଉପଲବ୍ଧତା ଓ ଉପଯୁକ୍ତତା ଅନୁସାରେ କବରସ୍ଥାନ ନିର୍ମାଣ ପାଇଁ ଜମି ପ୍ରଦାନ କରାଯିବା ଉଚିତ । |
| ଏସବୁ ବ୍ୟତୀତ ଆରଏଣ୍ଡଆର କଲୋନିରେ ନିର୍ମାଣ ହେବାକୁ ଥିବା ଅନ୍ୟ ମୌଳିକ ସୁବିଧା ମଧ୍ୟରେ ରହିଛି ଶିଶୁମାନଙ୍କ ପାଇଁ ପାର୍କ ଓ ଖେଳପଡ଼ିଆ । | | |

ଓଆରଆରପି-2006 ଓ RFCTLAR&R ଆଇନ 2013ରେ ଥିବା ସୁବିଧାସମୁହର ଅନୁପାଳନ କରାଯିବ । ବିସ୍ଥାପିତ ହୋଇଥିବା ସବୁ ଅନୁସୂଚୀତ ଜାତି ଓ ଜନଜାତି ପରିବାରର ପରିବାରଗୁଡ଼ିକୁ ଯଥା ସମ୍ଭବ ସମାନ ପରିବେଶ ଅଂଚଳକୁ ସ୍ଥାନାନ୍ତର କରାଯିବାକୁ ଉଦ୍ୟମ କରାଯିବ ଉଚିତ, ଯାହାଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ସୁଯୋଗ, ଭାଷା, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜୀବନ ରକ୍ଷା ହୋଇପାରିବ । ସୁନ୍ଦରଗଡ଼ ଜିଲ୍ଲା ବାହାରେ କୌଣସି ପରିବାରର ଥଇଥାନ କରାଯିବ ନାହିଁ । ନୀତିରେ ଦିଆଯାଇଥିବା ଅତିରିକ୍ତ ସୁବିଧାସୁଯୋଗଗୁଡ଼ିକୁ ବିସ୍ଥାପିତ ପରିବାରଗୁଡ଼ିକୁ ଦିଆଯିବ ।

# ଅଧ୍ୟାୟ-8

# ଆଦିବାସୀ ଉନ୍ନୟନ

ଏହି ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ବହୁ ସଂଖ୍ୟାରେ ଆଦିବାସୀ ଜନସଂଖ୍ୟା ଅଛି । ପ୍ରମୁଖ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ରହିଛନ୍ତି ଓରାମ, କିଶନ, ଖଡିଆ । ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟର ନିଜସ୍ୱ ଗୃହ ଢାଞ୍ଚା, ସାମାଜିକ-ସାଂସ୍କୃତିକ ପରମ୍ପରା, ପ୍ରଥା, ରୀତିନୀତି, ଧର୍ମବିଶ୍ୱାସ ଆଦି ରହିଛି । ଓଡିଶା R&R ନୀତି, 2006 ଆଦିବାସୀ ଜାତି ସମ୍ପ୍ରଦାୟ ଏବଂ ସେମାନଙ୍କର ସଂସ୍କୃତିର ସୁରକ୍ଷା ତଥା ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଉଛି । ଓଡିଶା ଥଇଥାନ ଓ ପୁନର୍ବାସ ନୀତି, 2006 ରେ ଆଦିବାସୀଙ୍କ ସମସ୍ୟା ଏବଂ ଚିନ୍ତାଧାରାକୁ ସ୍ୱୀକାର କରାଯାଇଛି ଏବଂ ପର୍ଯ୍ୟାପ୍ତ ମାନ୍ୟତା ଦିଆଯାଇଛି । ଏଥିରେ କୁହାଯାଇଛି..

1. ଥଇଥାନ ଯୋଜନା ପ୍ରସ୍ତୁତ କରିବାବେଳେ, ଆଦିବାସୀ ତଥା ଆଦିମ ଆଦିବାସୀ ଲୋକମାନଙ୍କ ସାମାଜିକ-ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦିଆଯିବା ଉଚିତ ।

2. ଆଦିବାସୀ ବର୍ଗର ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ଅଗ୍ରାଧିକାର ଭିତ୍ତିରେ ଜମି ଆବଣ୍ଟନ ଦିଆଯିବ ।

3. ଯେତେଦୂର ସମ୍ଭବ, ଆଦିବାସୀ ସମ୍ପ୍ରଦାୟଗୁଡିକୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନ ନିକଟସ୍ଥ ଏକ ସୁରକ୍ଷିତ ଅଂଚଳରେ ଥଇଥାନ କରାଯିବ ।

4. ଜିଲ୍ଲା ବାହାରେ ବିସ୍ଥାପିତ ହୋଇଥିବା ଆଦିବାସୀ ବିସ୍ଥାପିତ ପରିବାରକୁ 25 ପ୍ରତିଶତ ଅଧିକ ଆରଏଣ୍ଡଆର ସୁବିଧା ଆର୍ଥିକ ସହାୟତା ଆକାରରେ ପ୍ରଦାନ କରାଯିବ ।

5. ଆରଏଣ୍ଡଆର କଲୋନୀରେ ନିର୍ମିତ ଦୋକାନ ଏବଂ ସେବା ୟୁନିଟ୍ ଆବଣ୍ଟନରେ ଅଗ୍ରାଧିକାର ଦିଆଯିବ ।

ଆହୁରି ମଧ୍, RFCTLARR ଅଧିନିୟମ, 2013 ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟର ଅଧିକାରକୁ ମଧ୍ୟ ସ୍ୱୀକୃତି ଦେଇଛି ଏବଂ ବିଶେଷ ବ୍ୟବସ୍ଥା କରିଛି । ଉକ୍ତ ଆଇନର ଧାରା 41 ଏସସି ଏବଂ ଏସଟି ସମ୍ପ୍ରଦାୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଧାରଣ କରିଛି ।

1. ଗୋଟିଏ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ବ୍ୟକ୍ତି ଯଦି ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ହୋଇଥିବେ ସେମାନଙ୍କୁ ଯେତିକି ଜମି ଅଧିଗ୍ରହଣ ହୋଇଥିବ ସେତିକି ପରିମାଣରେ କିମ୍ବା ଦେଢ ଏକର ଯେଉଁଟି କମ ହେବ ତାହା ଦିଆଯିବ ।
2. କ୍ଷତିପୂରଣ ରାଶି ବ୍ୟତୀତ ଏକ ଅନୁସୂଚୀତ ଅଂଚଳରୁ ବିସ୍ଥାପିତ ହୋଇଥିବା ଅନୁସୂଚୀତ ଜାତି ଓ ଜନଜାତିର ପରିବାରଗୁଡ଼ିକୁ 50 ହଜାର ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯିବ ।
3. ଏକ ଅନୁସୂଚୀତ ଅଂଚଳରୁ ବିସ୍ଥାପିତ ହେଲେ, ଯଥା ସମ୍ଭବ ପ୍ରଭାବିତ ପରିବାରକୁ ସମାନ ପରିବେଶ ଅଂଚଳକୁ ସ୍ଥାନାନ୍ତର କରାଯିବ, ଯାହାଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ସୁଯୋଗ, ଭାଷା, ସଂସ୍କୃତି ଏବଂ ସାମ୍ପ୍ରଦାୟିକ  ଜୀବନ ରକ୍ଷା ହେବ ।

**4.** ଅନୁସୂଚୀତ ଜାତି ଓ ବା ଜନଜାତି ପରିବାରର ଜମି ଅଧିଗ୍ରହଣ ସଂପର୍କିତ ପ୍ରକଳ୍ପ କ୍ଷେତ୍ରରେ**,** ଏକ ଉନ୍ନୟନ ଯୋଜନା ପ୍ରସ୍ତୁତ କରାଯିବ**,** ଯେଉଁଥିରେ ହେବାକୁ ଥିବା କିନ୍ତୁ ହୋଇନଥିବା ଜମି ଅଧିକାର ବନ୍ଦୋବସ୍ତ କରିବାର ପଦ୍ଧତିର ବିବରଣୀ**,** ଜମି ଅଧିଗ୍ରହଣ ବେଳେ ଏକ ସ୍ବତନ୍ତ୍ର ଉଦ୍ୟମ ମାଧ୍ୟମରେ ଅନୁସୂଚୀତ ଜାତି ଓ ଜନଜାତିର ପରିବାରଗୁଡ଼ିକୁ ନୂତନ ଜମିର ଜମିପଟ୍ଟା ପ୍ରଦାନ କରାଯିବ ।

5. ବିକାଶ ଯୋଜନାରେ ଆଦିବାସୀଙ୍କ ନିମନ୍ତେ ପାଞ୍ଚ ବର୍ଷ ପାଇଁ  ବିକଳ୍ପ ଇନ୍ଧନ, ଖାଦ୍ୟ, ଏବଂ ଅଣ-କାଠ ଜଙ୍ଗଲ ଉତ୍ପାଦର ବିକଳ୍ପ ପାଇଁ ଏକ ଯୋଜନା ରହିବ, ଯାହା ଆଦିବାସୀ ସମ୍ପ୍ରଦାୟର ଆବଶ୍ୟକତା ତଥା ନିର୍ଦ୍ଧାରିତ ଜାତିର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ହେବ  ।
6. ଅନୁସୂଚିତ ଜନଜାତିର ପ୍ରଭାବିତ ପରିବାରଗୁଡିକ ସମାନ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ କମ୍ପାକ୍ଟ ବ୍ଲକରେ ଥଇଥାନ ହେବେ ଯାହା ଦ୍ବାରା ସେମାନେ ସେମାନଙ୍କର ଜାତି, ଭାଷା ଏବଂ ସାଂସ୍କୃତିକ ପରିଚୟ ବଜାୟ ରଖିପାରିବେ।

ପ୍ରସ୍ତାବିତ ଆଦିବାସୀ ବିକାଶ ପଦକ୍ଷେପ

DCBL ବିଶ୍ବାସ କରେ ଯେ ପ୍ରକଳ୍ପ ବିସ୍ଥାପିତ ପରିବାରଗୁଡିକର ସଫଳ ଥଇଥାନ ଓ ପୁନର୍ବାସ ପାଇଁ ଆଦିବାସୀ ବିକାଶ ଏକ ପ୍ରମୁଖ ବିଷୟ । ତେଣୁ ଥଇଥାନ ଓ ପୁନର୍ବାସ ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ପ୍ରସ୍ତାବ

ଦିଆଯାଇଛି । ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପ୍ରକଳ୍ପ ବିସ୍ଥାପିତ ଏବଂ ପ୍ରଭାବିତ ପରିବାରର ବିକାଶ ପାଇଁ DCBL ବ୍ୟାପକ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଛି ।

ଆଦିବାସୀ ବିକାଶ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ..

- ଅଂଶଗ୍ରହଣକାରୀ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ବିସ୍ଥାପିତ ଏବଂ ପ୍ରଭାବିତ ଆଦିବାସୀ ପରିବାରର ସମନ୍ୱିତ ବିକାଶକୁ ସୁଗମ କରିବା ।
- ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ସେମାନଙ୍କର ଆବଶ୍ୟକତା ଏବଂ ଚାହିଦା ଅନୁଯାୟୀ ମୌଳିକ ସୁବିଧା ଏବଂ ଭିତ୍ତିଭୂମିର ବିକାଶ ।
- ସେମାନଙ୍କ ଜୀବନ ଧାରାରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ମୌଳିକ ସୁବିଧା ଓ ସେବା ଯେପରିକି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଖାଦ୍ୟ ସୁରକ୍ଷା ଯୋଜନା ଏବଂ ସରକାରଙ୍କ ଅଧୀନରେ ବିଭିନ୍ନ ସୁବିଧାକୁ ସେମାନଙ୍କ ପାଇଁ ଉପଲବ୍ଧ କରିବା ।
- ସେମାନଙ୍କର ରୋଜଗାର କ୍ଷମତା ବଢାଇବା ଓ ଆୟ ସୃଷ୍ଟି ପାଇଁ  ଦକ୍ଷତା ବିକାଶ ଏବଂ କ୍ଷମତା ବୃଦ୍ଧି ତାଲିମ ମାଧ୍ୟମରେ ସେମାନଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି କରିବା ।
- ସେମାନଙ୍କର ଜାତି, ଭାଷା ଏବଂ ସାଂସ୍କୃତିକ ପରିଚୟକୁ ସମ୍ମାନ, ସୁରକ୍ଷା ଏବଂ ସଂରକ୍ଷଣ କରିବା ।

# ଅଧ୍ୟାୟ-9
# ଉପସଂହାର

DCBLକୁ ନିଜ ପ୍ରଶାସନିକ ଢାଞ୍ଚା ମଧ୍ୟରେ ଏକ ସୁଦୃଢ ଓ ସକ୍ଷମ ବହୁମୁଖୀ ଜମି ଓ ପୁନଃବନ୍ଦୋବସ୍ତ ଏବଂ ପୁନର୍ବାସ ୟୁନିଟ ସ୍ଥାପନକରିବାକୁ ସୁପାରିଶ କରାଯାଉଛି, ଯେଉଁଥିରେ ଯୋଗ୍ୟ ଓ ଅଭିଜ୍ଞ ପେସାଦାରମାନେ ଥିବେ । ଜଣେ ଜମି ଓ ଆରଏଣ୍ଡଆର ବିଶେଷଜ୍ଞ ଏହି ୟୁନିଟର ମୁଖ୍ୟ ହେବେ ଓ ଥଇଥାନ ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏହି ୟୁନିଟର ବିଭିନ୍ନ ପଦବୀରେ ଯଥେଷ୍ଟ ସଂଖ୍ୟକ କର୍ମଚାରୀ ଥିବେ । ସମସ୍ତ କର୍ମଚାରୀଙ୍କ ଭୂମିକା ଏବଂ ଦାୟିତ୍ ଭଲ ଭାବରେ ବ୍ୟାଖ୍ୟା କରାଯିବ ଏବଂ ସେମାନେ ଜମି ଏବଂ ଥଇଥାନ ଓ ପୁନର୍ବାସ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ନିର୍ଦ୍ଦିଷ୍ଟ ଦାୟିତ ଗ୍ରହଣ କରିବେ । ଥଇଥାନ ଓ ପୁନର୍ବାସ କାର୍ଯ୍ୟକ୍ରମର ଯୋଜନା, କାର୍ଯ୍ୟନ୍ୱୟନ, ତଦାରଖ ଏବଂ ମୂଲ୍ୟାଙ୍କନ ପାଇଁ ଦଳର ନେତାଙ୍କୁ ସାହାଯ୍ୟ କରିବେ ଏବଂ RFCTLARR ଆଇନ 2013ର ଧାରା 45 ଅନୁସାରେ ଲୋକ ଓ R&R କମିଟି ଓ ପ୍ରକଳ୍ପ ନିର୍ମାଣକାରୀ କମ୍ପାନି ମଧ୍ୟରେ ଯୋଗସୂତ୍ର ରକ୍ଷା କରିବେ ।

ଉପରୋକ୍ତ ଥଇଥାନ ଓ ପୁନର୍ବାସ ସ୍କିମ ପ୍ରତି ଗ୍ରାମ ପାଇଁ ଲାଗୁ ହେବ, ଯାହାକୁ RFCTLAR&R ଆଇନ 2013 ଓ ଓଡ଼ିଶା ଥଇଥାନ ଓ ପୁନର୍ବାସ ନୀତି 2006 ତଥା ବର୍ତ୍ତମାନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା କମ୍ପାନି ଯଥା NTPC, OCPL ଦ୍ବାରା ଦିଆଯାଉଥିବା ସୁବିଧାସୁଯୋଗକୁ ଅନୁରସରଣ କରି ପ୍ରସ୍ତୁତ କରାଯାଇଛି, ଯାହାକି ବିସ୍ଥାପିତ ପରିବାର ବୃହତ୍ତର ସ୍ବାର୍ଥ ଓ ଭବିଷ୍ୟତରେ ସେମାନଙ୍କର ଓ ସେମାନଙ୍କ ଉତ୍ତରପୀଢିର ଉଚ୍ଚଜୀବନଧାରଣ ମାନ ପାଇଁ ଉଦ୍ଦିଷ୍ଟ ।